# ବାଣିଜ୍ୟିକ ପ୍ରତିଷ୍ଠାନ ନାମ ଓଡ଼ିଆରେ ଲେଖିବାକୁ ଗୁରୁତ୍ୱ

## ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ

ରାୟଗଡ଼ା,୨୬।୩
(ଆଶିଷ ରଞ୍ଜନ ପଣ୍ଡା)


ବୈଠକରେ ଏଡିଏମ୍ ନବୀନ ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସହ ଅନ୍ୟମାନେ।

ରାୟଗଡ଼ାଠାରେ ଜିଲାସ୍ତରୀୟ ୯୦ ତମ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଚିନ୍ତନ କକ୍ଷଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ 'ସମସ୍ତ ଅନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକ ଓଡ଼ିଆରେ ନାମ ଲେଖିବାକୁ ଗୁରୁତ୍ୱ ଦିଆଯାଇଛି । ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆଲୋଚନା କରିଥିଲେ। ଏପ୍ରିଲ ପହିଲା ପ୍ରାତଃ ସମୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯିବ। ସକାଳ ୭ଟାରେ ସ୍ଥାନୀୟ ଗଜପତି ଛକଠାରେ ଅବସ୍ଥାପିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ସମବେତ ହୋଇ ସାମୂହିକ ମାଲ୍ୟାର୍ପଣ କରାଯିବ। ସକାଳ ୮ ଟାରେ ସ୍ଥାନୀୟ ଗାନ୍ଧୀ ପାର୍କଠାରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତିରେ ସାମୂହିକ ମାଲ୍ୟାର୍ପଣ କରାଯିବ। ଏହାପରେ ସକାଳ ୯ ଟାରେ ସାଧାରଣ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଅନୁଷ୍ଠିତ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରୁ ଗଞ୍ଜେଇ ଜବତ


ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଗିରଫକରି ପୋଲିସ ନେଉଛି।

## ମହିଳା ସ୍ୱାସ୍ଥ୍ୟକର୍ମୀ ଗିରଫ

ପଦ୍ମପୁର,୨୬।୩ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଗୁଲୁଗୁଡା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ଗଞ୍ଜେଇ କାରବାର ଚାଲିଥିବା ନେଇ ପଦ୍ମପୁର ପୋଲିସ ସୂଚନା ପାଇ ବୁଧବାର ଚଢ଼ାଉ କରିଥିଲା। ପଦ୍ମପୁର ଆଇଆଇସି ଧରଣୀଧର ପ୍ରଧାନଙ୍କ ସହ ତାଙ୍କ ଟିମ ଗୁଲୁଗୁଡା ଏଏନ୍‌ଏମ୍‌ଙ୍କ ସରକାରୀ ବାସଭବନରୁ ୨କେଜି ୪୪୦ଗ୍ରାମ ଗଞ୍ଜେଇ ସହ ଏକ ମୋବାଇଲ ମଧ୍ୟ ଜବତ କରିଛନ୍ତି। ତେବେ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଏଏନ୍‌ଏମ୍ ଜ୍ୟୋସ୍ନାରାଣୀ ସେଠୀ ଉକ୍ତ ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା ଦର୍ଶାଇ ପଦ୍ମପୁର ପୋଲିସ ତାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ପୋଲିସ ଚଢ଼ାଉ ବେଳେ ଏଏନ୍‌ଏମ୍‌ଙ୍କ ସରକାରୀ ବାସଭବନରୁ ଗୋଟିଏ ଅଖା ଜରି ପ୍ୟାକେଟରେ ଗଞ୍ଜେଇ ମିଳିଥିବା ପୋଲିସ କହିଛି। ତେବେ ଜଣେ ସରକାରୀ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଏଭଳି ବେଆଇନ ଗଞ୍ଜେଇ କାରବାରରେ ଲିପ୍ତଥିଲେ ନା ଏହା ପଛରେ ଆଉ କାହାର ହାତ ଅଛି ତାହା ତଦନ୍ତ ସାପେକ୍ଷ ବୋଲି ଦାବି ହୋଇଛି।

# ସଚେତନତା ଦ୍ୱାରା ଜଙ୍ଗଲ ନିଆଁ ରୋକିବାକୁ ଗୁରୁତ୍ୱ


ବୈଠକରେ ଉପଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ଗୁଣପୁର,୨୬।୩(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଉପ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ନିମନ୍ତେ ଏକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଉପ ଜିଲାପାଳ କିରନ ଦୀପ କୌର ସହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ରାମନାଗୁଡା, ଗୁଣପୁର, ପଦ୍ମପୁର ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ, ପଦ୍ମପୁର ବ୍ଲକ୍ ଅଧ୍ୟକ୍ଷା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିବର୍ଷ ଗ୍ରୀଷ୍ମ ପ୍ରବାହରେ ଜଙ୍ଗଲରେ ନିଆଁ ଲାଗିଥାଏ। ପ୍ରାୟତଃ ମହୁଲ ଗୋଟାଇବା, ପୋଡୁଚାଷ କରିବା, କାଜୁ ସଂଗ୍ରହ କରିବା ନିମନ୍ତେ ଜଙ୍ଗଲରେ ଲୋକେ ନିଆଁ ଲଗାଇଥାନ୍ତି । ଏହାକୁ ପ୍ରତିହିତ କରିବା ପାଇଁ ସଚେତନ ଆବଶ୍ୟକ । ଗୁଣପୁର ରେଞ୍ଜରେ ବହୁଳ ଭାବରେ ସଚେତନ କରାଯାଉଥିବାରୁ ଚଳିତ ବର୍ଷ ନିଆଁ ଲାଗିବା ପରିମାଣ ପୂରା କମିଛି । ଆଗାମୀ ଦିନରେ ଏହା ସମ୍ପୂର୍ଣ୍ଣ ବନ୍ଦ ହେବ ବୋଲି ରେଞ୍ଜର ଗଙ୍ଗାଧର ମିଶ୍ର ସୂଚନା ଦେଇଥିଲେ । ଅଗ୍ନିଶମ ସେବା ସଂସ୍ଥା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳ ଯୋଗାଣ, ଆଦିବାସୀ ଉନ୍ନୟନ ସଂସ୍ଥା ଭଳି ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ରେଞ୍ଜର ଗଙ୍ଗାଧର ମିଶ୍ର ସଂଯୋଜନା କରିଥିବା ବେଳେ ଫରେଷ୍ଟର ପୂର୍ଣ୍ଣ ଚନ୍ଦ୍ର ପାତ୍ର ସହଯୋଗ କରିଥିଲେ ।

# ଘର ମାଲିକଙ୍କୁ ଆକ୍ରମଣ: ଟଙ୍କା, ସୁନା ଅଳଙ୍କାର ଚୋରି

ରାୟଗଡ଼ା,୨୬।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଥାନା ନିକଟରେ ଥିବା ରାମକୃଷ୍ଣ ନଗର ପୋଷ୍ଟ ଅଫିସ ଲାଇନରେ ରହୁଥିବା ଜଣେ ଘର ମାଲିକଙ୍କୁ ଦୁର୍ବୃତ୍ତମାନେ ବାଡ଼ୁଲିରେ ଆକ୍ରମଣ କରି ଭୟଭୀତ କରିବା ପରେ ବନ୍ଦ ଥିବା ତଳ ମହଲାର ଗ୍ରୀଲ ତାଡି ନଗଦ ଟଙ୍କା ଏବଂ ସୁନାଗହଣା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଘର ମାଲିକ ଚନ୍ଦ୍ରମଣି ପ୍ରସାଦ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବୁଧବାର ସକାଳୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ସୁଦ୍ଧା ଦୁର୍ବୃତ୍ତ ଧରା ପଡି ନ ଥିବା ଜଣାପଡିଛି । ଘର ମାଲିକ ବେହେରାଙ୍କ କହିବାନୁଯାୟୀ , ତାଙ୍କର ୨ ମହଲା ଘର ରହିଥିବା ବେଳେ ତଳ ଘରେ ତାଙ୍କ ବାପା, ମା, ସାନ ଭାଇ ଭଉଣୀ ରୁହନ୍ତି । ମା ଓ ସାନ ଭାଇ ରାୟଗଡ଼ା ବାହାରକୁ ଯାଇଥିବାବେଳେ ମଙ୍ଗଳବାର ବାପା ଓ ଭଉଣୀ ଉପର ଘରେ ଶୋଇଥିଲେ। ତେବେ ବିଳମ୍ବିତ ରାତି ପ୍ରାୟ ୨ଟାରେ ଚନ୍ଦ୍ରମଣି ରାଉରକେଲା–କୋରାପୁଟ ଇଣ୍ଟରସିଟି ଏକ୍ସପ୍ରେସ୍ ଯୋଗେ କୋରାପୁଟ ଯିବା ପାଇଁ ସେ ଉଠି ଘର ବାହାରକୁ ଆସିଥିଲେ । ହଠାତ ସେ ତଳକୁ ଆସିବାରୁ ଦୁର୍ବୃତ୍ତମାନେ ତାଙ୍କୁ ବାଡ଼ୁଲିରେ ଆକ୍ରମଣ କରି ଭୟଭୀତ କରିଥିଲେ। ଫଳରେ ବେହେରା ଘର ଉପରକୁ ଯାଇ ନିଜ ବାପା ଓ ଭଉଣୀଙ୍କୁ ନିଦରୁ ଉଠାଇ ଚୋର ଆସିଥିବା କହିବା ପରେ ସମସ୍ତେ ଚୋର ଚୋର ବୋଲି ଚିତ୍କାର କରିଥିଲେ । ପ୍ରାୟ ୪ରୁ ୫ଜଣ ଦୁର୍ବୃତ୍ତ ମୁହଁରେ କନା ବାନ୍ଧି ଥିବା ଦେଖିବାକୁ ମିଳିଥିବା ସେ ଅଭିଯୋଗ କରିଛନ୍ତି । ଏହି ସମୟରେ ବନ୍ଦ ଥିବା ତଳ ଘରର ଗ୍ରୀଲ ତାଡି ଘର ଭିତରକୁ ପଶି ଆଲମାରୀ ଭାଙ୍ଗି ସେଥିରେ ଥିବା ନଗଦ ଏକ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଚୋରି କରି ନେଇଥିବା ବେହେରା ଥାନାରେ ଅଭିଯୋଗ କରିଛନ୍ତି । ଏ ନେଇ ରାୟଗଡ଼ା ଥାନା ଆରକ୍ଷୀ ନିରୀକ୍ଷକ କମଳକାନ୍ତ ବସନ୍ତ କୁମାର କହଁରଙ୍କୁ ପଚାରିବାରୁ ସିସିଟିଭି ଫୁଟେଜ ଆଧାରରେ ୪ଜଣ ଦୁର୍ବୃତ୍ତ ମୁହଁରେ କନା ବାନ୍ଧିଥିବା ଦେଖିବାକୁ ମିଳିଛି । ଦନ୍ତ ଜାରି ରହିଛି, ଖୁବଶୀଘ୍ର ଦୁର୍ବୃତ୍ତଙ୍କୁ ଧରିବାକୁ ପୋଲିସ ତଦନ୍ତ ଜାରି ରଖିଛି ବୋଲି ସେ କହିଛନ୍ତି ।

# ରେଳ ଧାରଣାରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ରାୟଗଡା, ୨୬।୩ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ସହରର ଶାରଳା ଛକ ପଛ ପଟେ ଥିବା ରେଳ ଧାରଣାରୁ ବୁଧବାର ସକାଳେ ରାୟଗଡା ଜିଆରପି ପୋଲିସ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ନ ଥିବାରୁ ମୃତଦେହ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟର ଶୀତତାପ ନିୟନ୍ତ୍ରିତ ଶବ ଗୃହରେ ୯୬ ଘଣ୍ଟା ପାଇଁ ରଖିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ବୁଧବାର ସକାଳ ସମୟରେ ଶାରଳା ଛକ ପଛ ପଟେ ଥିବା ରେଳ ଧାରଣା କିମି ୩୪୪/୨ ନିକଟରେ ଏକ ଅଜଣା ମୃତଦେହ ପଡ଼ିଥିବା ଖବରପାଇ ଜିଆରପି ଏସଆଇ ଏସ. କେ. ପରିଡାଙ୍କ ସହ ଏଏସ୍‌ଆଇ ମାଣିକ ଚନ୍ଦ୍ର ଗୌଡ଼ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ନିକଟରୁ କୌଣସି ପରିଚୟପତ୍ର ମିଳି ପାରି ନ ଥିବା ବେଳେ ତାଙ୍କ ବେଶଭୁଷାରୁ ସେ ଜଣେ ଶ୍ରମିକ ହୋଇଥାଇପାରନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରିଛି । ମୃତକଙ୍କ ମୁଣ୍ଡରେ ଗଭୀର ଆଘାତ ଥିବା ଦେଖିବାକୁମିଳିଛି । ରାତିରେ କୌଣସି ଟ୍ରେନର କବାଟ ପାଖରେ ବସି ଯାଉଥିବା ବେଳେ ଅସାବଧାନତା ଯୋଗୁଁ ଖସି ପଡି ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ଅନୁମାନ କରିଛି। ଏ ନେଇ ରାୟଗଡା ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଏସ୍‌ଆଇ ପରିଡା ସୂଚନା ଦେଇଛନ୍ତି ।

# ଅଦ୍ୱିକା ଯୋଜନାରେ କଳିଙ୍ଗ ଷ୍ଟାଡିୟମ ବୁଲିଲେ ଯୁବଗୋଷ୍ଠୀ


କୌଶଳ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ କିଶୋରୀ କିଶୋର ବୁଝୁଛନ୍ତି।

ରାୟଗଡା,୨୬।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ସମାଜ ମଙ୍ଗଳ ବିଭାଗ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ସଂଯୋଜନାରେ ରାୟଗଡ଼ା ଜିଲାରେ ଅଦ୍ୱିକା ଯୋଜନା ମାଧ୍ୟମରେ ଦିନିକିଆ କିଶୋରୀ କିଶୋରଙ୍କ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ସ୍ୱତନ୍ତ୍ର ପରିଭ୍ରମଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କିଶୋରୀ କିଶୋରମାନେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ, ୱାର୍ଲ୍ଡସ୍କିଲ୍ ସେଣ୍ଟର ଓ ଭୁବନେଶ୍ୱର ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ବୁଲି ଦେଖିଥିଲେ। ଅଦ୍ୱିକା କ୍ଲବ୍‌ର ସଦସ୍ୟମାନେ ବିଭିନ୍ନ ଦକ୍ଷତା ବିକାଶ ଦ୍ୱାରା ନିଜେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ, ଏଥିପାଇଁ କେଉଁ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ହେବ ସେ ନେଇ ଏହି ସ୍ୱତନ୍ତ୍ର ପରିଭ୍ରମଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ବୋଲି ଜିଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ ମତ ପ୍ରକାଶ କରିଛନ୍ତି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୮୪ ଜଣ ଅଂଶ ଗ୍ରହଣ କରିଛନ୍ତି। କୌଶଳ ବିକାଶ କାର୍ଯ୍ୟକ୍ରମରେ କିଶୋର କିଶୋରୀଙ୍କ ପାଇଁ କ'ଣ ସବୁ ସୁବିଧା ରହିଛି ଓ ତାଲିମ ପରେ କର୍ମନିଯୁକ୍ତି ବ୍ୟବସ୍ଥା ସମ୍ପର୍କରେ ବୁଝିଥିଲେ। ଜିଲା ସମାଜ ମଙ୍ଗଳ ଉପ ବିଭାଗର ଭାରପ୍ରାପ୍ତ ସୁରକ୍ଷା ଅଧିକାରୀ ଶୈଳଜା ଦାସ, ଆକ୍ସନ ଏଡ୍ ତରଫରୁ ବାଲ୍ୟବିବାହ ନିଷେଧ ଜିଲା ପରାମର୍ଶଦାତା ରତନେଶ୍ୱର ସାହୁ, ଗୁଣପୁର ଉପଖଣ୍ଡ କାର୍ଯ୍ୟକ୍ରମ ଅଧିକାରୀ କଲ୍ୟାଣ ମହାକୁଡ଼ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଆମ୍ବେଡକର ଭବନ ନିର୍ମାଣ ପାଇଁ ଜମି ଯୋଗାଇଦେବାକୁ ଦାବି


କମିଟି ସଦସ୍ୟମାନେ ତହସିଲଦାରଙ୍କୁ ଦରଖାସ୍ତ ପ୍ରଦାନ କରୁଛନ୍ତି।

ଗୁଡ଼ାରି,୨୬।୩ (ପ୍ରମୋଦ କୁମାର ପତି)

ଗୁଡ଼ାରିରେ ଆମ୍ବେଡକର ଭବନ ନିର୍ମାଣ ନିମନ୍ତେ ଜମି ଯୋଗାଇଦେବାକୁ ଆମ୍ବେଦକର ୟୁଥ୍ କ୍ଲବ୍ ପକ୍ଷରୁ ସ୍ଥାନୀୟ ତହସିଲଦାର ଏ. ସ୍ନେହଲତାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କମିଟି ସଦସ୍ୟ ଇନ୍ଦ୍ର ବିଡ଼ିକାଙ୍କ କହିବାନୁଯାୟୀ, ଅଞ୍ଚଳରେ ଆମ୍ବେଡକର ଭବନ ନାହିଁ । ଫଳରେ ଏହି କ୍ଲବ୍‌ର ସଦସ୍ୟମାନେ ଆବଶ୍ୟକ ସ୍ଥଳେ ବୈଠକ କିମ୍ବା କୌଣସି ସାମୂହିକ କାର୍ଯ୍ୟକ୍ରମ କରିବା ନିମନ୍ତେ କୌଣସି ସ୍ଥାନ ନାହିଁ। ତେଣୁ କମିଟି ପକ୍ଷରୁ ତହସିଲଦାରଙ୍କୁ ଏକ ଦରଖାସ୍ତ ଦିଆଯାଇଛି। ଅନୁସନ୍ଧାନକରି ଜାଗା ପ୍ରଦାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି, ସମ୍ପାଦକ ଏବଂ କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ବାଇକ୍ ଚୋରି ମାମଲାରେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ରାୟଗଡ଼ା,୨୬।୩(ଆଶିଷ ରଞ୍ଜନ ପଣ୍ଡା)

ବାଇକ୍ ଚୋରି ମାମଲାର ଶୁଣାଣିକରି ଏସ୍‌ଡିଜେଏମ୍ ଜଜ୍ ବର୍ଷା ଦାସ ଅଭିଯୁକ୍ତ ଶ୍ରୀନୁ କଲକାଙ୍କୁ ୩ବର୍ଷ ଜେଲ ଓ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଜଜ୍ ଦାସ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ଏହି ମାମଲାରେ ୯ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ଏହି ମାମଲାକୁ ସରକାରୀ ଆଇନଜୀବୀ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ପରିଚାଳନା କରୁଥିବା ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଅରୁଣ କୁମାର ଲେଙ୍କା ମାମଲା ପରିଚାଳନା କରୁଥିଲେ । ଘଟଣାରୁ ପ୍ରକାଶ ଯେ, ୨୦୨୪ ଜୁଲାଇ ୬ ତାରିଖରେ ରାୟଗଡ଼ା ମୁଖ୍ୟ ବଜାରରେ ଥିବା ଏକ ଦୋକାନ ସମ୍ମୁଖରୁ ମୋଟରସାଇକେଲ ଚୋରି ହୋଇଥିଲା। ଏ ନେଇ ରାୟଗଡ଼ା ଟାଉନ ଥାନାରେ ଏତଲା ହେବା ପରେ ପୋଲିସ ଦଫା ୩୦୩ (୨)ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ତଦନ୍ତ ଅଧିକାରୀ ଏସ୍‌ଆଇ ସନ୍ଧ୍ୟାରାଣୀ ତିର୍କୀ ତଦନ୍ତ ସମୟରେ ସିସିଟିଭି ଫୁଟେଜକୁ ଆଧାରକରି ଶ୍ରୀନୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ ।

# ଆମ ସଂସ୍କୃତି, ଖେଳନା କର୍ମଶାଳା


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଚନ୍ଦ୍ରପୁର, ୨୬।୩ (ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ା ପଞ୍ଚାୟତ ଅଧୀନ ବାଲକାବାଜୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଆମ ସଂସ୍କୃତି ଓ ଖେଳଣା କର୍ମଶାଳା ଏବଂ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ବିଇଓ ଗଣେଶ ବେହେରା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନୀଲ କୁମାର ବିଡିକା ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତା ଭାବେ ଏବିଇଓ ଉମା କାନ୍ତ ମିଶାଲ, ସମ୍ମାନୀତ ଅତିଥି ଭାବେ ସିଆରସିସି ପ୍ରଦୀପ କୁମାର ସେଠୀ, ପୂର୍ବତନ ସିଆର୍‌ସିସି ବିଜ୍ଞାନ ସ୍ୱାଇଁ, ବରିଷ୍ଠ ଶିକ୍ଷକ କୈଳାସ ଶବର, ତ୍ରିପତି ଗଙ୍ଗା, ସ୍କୁଲ ସଭାପତି ନରେନ୍ଦ୍ର ଦିବାକା, ସହକାରୀ ଶିକ୍ଷକ ଧନୁର୍ଜୟ ବେହେରା, ଶ୍ରୀଧର କୌସଲ୍ୟା, ସାମାଜିକ କର୍ମୀ ବିଜୟ ପ୍ରସାଦ ଉଲାକା ପ୍ରମୁଖ ମଞ୍ଚାସୀନ ଥିଲେ । ବିଦ୍ୟାଳୟ ତରଫରୁ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ସହ ସମ୍ବର୍ଦ୍ଧନା ପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଧନୁ ବେହେରା ସଂଯୋଜନା କରିଥିଲେ ।

# ଖୋଲାହେଲା ବୋର୍‌ୱେଲ, ଦୂରହେଲା ପାଣି ସମସ୍ୟା

ଟିକିରି, ୨୬।୩ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରିସ୍ଥିତ ଡମ୍ବସାହିରେ ଦୀର୍ଘ ଦିନ ଧରି ଲାଗି ରହିଥିବା ପିଇବା ପାଣି ସମସ୍ୟା ଦୂର ହୋଇଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ସାହି ନିକଟରେ ବୋର୍‌ୱେଲ ଖନନ କରାଯାଇ ପିଇବା ପାଣି ସୁବିଧା କରାଯାଇଛି। ସୂଚନାଯୋଗ୍ୟ, ଡମ୍ବସାହିରେ ଦୀର୍ଘଦିନ ଧରି ପାଣି ସମସ୍ୟା ଲାଗି ରହିଥିବାବେଳେ ଏ ନେଇ ସ୍ଥାନୀୟ ଲୋକେ ବହୁବାର ରାଜରାସ୍ତା ଅବରୋଧକରି ତୁରନ୍ତ ସମସ୍ୟା ସମାଧାନ ପାଇଁ ଦାବି କରିଥିଲେ। ସରକାରୀ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ପ୍ରତିଶ୍ରୁତି ଦେବା ପରେ ସ୍ଥାନୀୟ ଲୋକେ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା। ଏବେ କିଛିଦିନ ତଳେ ପୁଣି ଥରେ ପିଇବା ପାଣିର ସମସ୍ୟା ପାଇଁ ସାହିବାସିନ୍ଦା ରାସ୍ତା ଅବରୋଧକରି ବସିଥିଲେ। ସାହି ପାଖରେ ବୋର୍‌ୱେଲ ଖୋଳି ଖୁବ୍‌ଶୀଘ୍ର ପାଣି ସମସ୍ୟାର ସମାଧାନ କରାଯିବ ବୋଲି କାଶୀପୁର ବିଡିଓଙ୍କ ଉପସ୍ଥିତିରେ ଟିକିରି ସରପଞ୍ଚ ଓ ନାଏବ ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ । ସେହି ସମୟରେ ଜଳ ବିଭାଗ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ତେବେ ଉକ୍ତ ପ୍ରତିଶ୍ରୁତି ବୁଧବାର ପୂରଣ ହୋଇଛି । ସାହିରେ ବୋର୍‌ୱେଲ ଖୋଳାଯାଇ ପାଣି ସମସ୍ୟା ସମାଧାନ ହୋଇପାରିଛି।


ବୋର୍‌ୱେଲ ଖନନ ସମୟରେ ସାହିବାସିନ୍ଦା ଏବଂ ଜନପ୍ରତିନିଧି।

# ପଲିଥିନ୍ ବ୍ୟବହାର ରୋକିବା ନେଇ ଚଢ଼ାଉ

## ମାର୍ଚ୍ଚରେ ଚଢ଼ାଉକରି ବଳକା ୧୧ ମାସ ପୌର ବିଭାଗ ଚୁପ୍

ରାୟଗଡ଼ା,୨୬।୩(ଆଶିଷ ରଞ୍ଜନ ପଣ୍ଡା)


ପୌର କର୍ମଚାରୀମାନେ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢାଉ କରି ପଲିଥିନ ଜବତ କରୁଛନ୍ତି।

ରାୟଗଡ଼ା ପୌରାଞ୍ଚଳରେ ପଲିଥିନ୍ ବ୍ୟବହାର ରୋକିବା ପାଇଁ ତଥା ସଚେତନତା ସୃଷ୍ଟିକରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ପୌର ନିର୍ବାହୀ ଅଧିକାରୀ କୁଲଦୀପ କୁମାରଙ୍କ ନେତୃତ୍ୱରେ ଏକ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇ ପଲିଥିନ୍ ଜବତ କରାଯିବା ସହ ଜରିମାନା ଆଦାୟ ହୋଇଛି । ଏଥିସହ ସଚେତନତା ସୃଷ୍ଟି କରାଯାଇଛି। ପ୍ରଥମ ଦିନରେ ମୁଖ୍ୟ ବଜାର ମାର୍କେଟ ତଥା କପିଳାସ ଛକ ନିକଟରୁ ୧୬୦୦ କେଜି ପଲିଥିନ୍ ଜବତ କରାଯାଇଛି । ଆଗକୁ ଏହା ଅଧିକ ତୀବ୍ରତର ହେବା ସହ ଜରିମାନା ଅର୍ଥ ବୃଦ୍ଧି ଏବଂ ଖିଲାପକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ କୁଲଦୀପ କୁମାର କହିଛନ୍ତି । ପରିବେଶ ସୁରକ୍ଷା ଏବଂ ସହରର ପରିମଳ ବ୍ୟବସ୍ଥାକୁ ଉନ୍ନତମାନର କରିବା ପାଇଁ ନିଆଯାଉଥିବା ଏହି ପ୍ରୟାସରେ ଜନସାଧାରଣ ତଥା ବ୍ୟବସାୟୀ ସହଯୋଗ କରିବାକୁ ପୌର ପରିଷଦ ତରଫରୁ କୁହାଯାଇଛି। ତେବେ ପ୍ରତିବର୍ଷ ମାର୍ଚ୍ଚ ମାସରେ ଆର୍ଥିକ ବର୍ଷ ଶେଷ ହେଉଥିବାରୁ ଏହିଭଳି ଚଢ଼ାଉ କରାଯାଇ ପରବର୍ତ୍ତୀ ୧୧ ମାସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ଦୋକାନୀଙ୍କଠାରୁ ଆରମ୍ଭକରି ସାଧାରଣ ଜନତା ସମସ୍ତେ ପଲିଥିନ୍ ବ୍ୟବହାର କରିଥାନ୍ତି । ତେବେ ଦୋକାନ ଚଢ଼ାଉ କରି ପଲିଥିନ୍ ବନ୍ଦ କରିବା ପାଇଁ ଚେଷ୍ଟା କରିବା ଅପେକ୍ଷା ଜିଲାରେ ହୋଲ୍‌ସେଲ୍‌ରେ ପଲିଥିନ୍ ବିକ୍ରି କରୁଥିବା ବ୍ୟବସାୟୀଙ୍କଠାରୁ ଆରମ୍ଭକରି ସମଗ୍ର ରାଜ୍ୟରେ ଗଢ଼ିଉଠିଥିବା ବିଭିନ୍ନ ବେଆଇନ ପଲିଥିନ୍ କାରଖାନା ଉପରେ ଚଢ଼ାଉକରି ସେଗୁଡ଼ିକ ବନ୍ଦ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ଜମିରେ ଯାଇଥିବା ଚୋରା ବିଦ୍ୟୁତ୍ ତାର ଲାଗି ବୃଦ୍ଧା ମୃତ

**ନନ୍ଦାହାଣ୍ଡି,୨୬।୩ (ପ୍ରତୀପ କୁମାର ଦାଶ):** ଚୋରାରେ ବିଦ୍ୟୁତ୍ ସଂଯୋଗ ନେଇ ଚାଷକାମ କରାଯାଉଥିବାବେଳେ କରେଣ୍ଟ ଲାଗି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ଦହଣା ପଞ୍ଚାୟତ ମେରନାସ ଗ୍ରାମର କୀର୍ତ୍ତନ ସୌରା। ସୂଚନାନୁଯାୟୀ, କୀର୍ତ୍ତନ ବୁଧବାର ପୂର୍ବାହ୍ନ ୧୦ଟା ୩୦ରେ ଘାସ କାଟିବା ପାଇଁ ଘରୁ ବାହାରିଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ଅପରାହ୍ନ ୨ଟା ୩୦ରେ ତାଙ୍କୁ ଅନନ୍ତ ବିଷୋୟୀଙ୍କ ମକାବାଡ଼ରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ସେଠାରେ ବିପଦପୂର୍ଣ୍ଣ ଭାବେ ପଡ଼ିଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କୀର୍ତ୍ତନଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହାପରେ କୀର୍ତ୍ତନଙ୍କ ସ୍ୱାମୀ ତେନ୍ତୁଳିଖୁଣ୍ଟି ଥାନାରେ ଅଭିଯୋଗ କରିଛନ୍ତି। ଚାଷକାମ ପାଇଁ ଅନନ୍ତ ବିଦ୍ୟୁତ୍ ଚୋରି କରି ନେଇଥିବାବେଳେ ବିପଦପୂର୍ଣ୍ଣଭାବେ ଏକ ତାର ଟିକୁ ଛାଡ଼ି ଦେଇଥିଲେ। ଉକ୍ତ ତାର ସଂସ୍ପର୍ଶରେ ଆସ ମୃତ୍ୟୁ ହୋଇଥିବା ନେଇ ଏତଲାରେ ଉଲ୍ଲେଖ ରହିଛି। ଖବରପାଇ ତେନ୍ତୁଳିଖୁଣ୍ଟି ଥାନାଧିକାରୀ ପ୍ରଣବ ଟୁଡୁ ପହଞ୍ଚି ତଦନ୍ତ କରୁଛନ୍ତି। ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ତେନ୍ତୁଳିଖୁଣ୍ଟି ଥାନାଧିକାରୀ ସୂଚନା ଦେଇଛନ୍ତି।

### ଜଙ୍ଗଲରେ ଅବକାରୀ ଚଢ଼ାଉ

**ଜୟପୁର, ୨୬।୩ (ପବନ ପାଣିଗ୍ରାହୀ)**

ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖାଯାଇଥିବା ଖବରପାଇ ଜୟପୁର ଅବକାରୀ ନୀରିକ୍ଷକ କାଯ୍ୟାଳୟ ପକ୍ଷରୁ ଜୟପୁର ସଦର ଥାନା ଅଧୀନ ପଦ୍ମପୁର ଜଙ୍ଗଲରେ ଅବକାରୀ ଚଢ଼ାଉ କରାଯାଇଛି। ମଦ ମାଫିଆମାନେ ଚମ୍ପଟ ମାରିଥିଲେ। ଅବକାରୀ ବିଭାଗ ମଦ ଭାଟି ଭଙ୍ଗିବା ସହ ୧୮ଶହ ଲିଟର ପୋଚ ଓ ଶହେ ଲିଟର ଦେଶୀ ମଦ ନଷ୍ଟ କରିଛି। ମଦ ସରଞ୍ଜାମ ଡ୍ରମ ଆଦିକୁ ଜବତ କରାଯାଇଥିବା ଅବକାରୀ ନୀରିକ୍ଷକ ଶିଶିକାନ୍ତ ଦତ୍ତ ସୂଚନା ଦେଇଛନ୍ତି।

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**ଜୟପୁର, ୨୬।୩(ପବନ ପାଣିଗ୍ରାହୀ)**

ମହିଳାଙ୍କୁ ନିର୍ଯାତନା ନେଇ ଜୟପୁର ମହିଳା ଥାନାରେ ୨ଟି ଅଭିଯୋଗ ହୋଇଛି। ପୋଲିସ ୩୬/୨୫ ଓ ୩୭/୨୫ରେ ୨ଟି ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଜୟପୁର ସହର ବିଜୁରାଜନଗରରେ ରହୁଥିବା ନବନିତା ବେନିଆ ଲିଖିତ ଅଭିଯୋଗ କରିଛନ୍ତ, ସେ ନରେନ୍ଦ୍ର ବେନିଆଙ୍କୁ ବିବାହ କରିଥିଲେ। ସେମାନଙ୍କର ୨ ସନ୍ତାନ ଅଛନ୍ତି। ନରେନ୍ଦ୍ର ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ୩୭/୨୫ ମାମଲା ରୁଜୁ କରିଛି। କୋରାପୁଟ ଅଞ୍ଚଳର ବିମଳା ହରିଜନଙ୍କ ଅଭିଯୋଗ ଯେ ସେ ୨୦୧୬ରେ ଖିରଣ ଖୁରାକୁ ବିବାହ କରିଥିଲେ। ବର୍ତ୍ତମାନ ଶାଶୁ ଓ ସ୍ୱାମୀ ତାଙ୍କୁ ଯୌତୁକ ନିର୍ଯାତନା ଦେଉଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ୩୬/୨୫ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ପୋଲିସ ସୂଚନା ଦେଇଛି।

# ତୃଣମୂଳସ୍ତରରୁ ବାଲ୍ୟବିବାହ ରୋକିବାକୁ ଗୁରୁତ୍ୱ

**ନବରଙ୍ଗପୁର,୨୬।୩(ସଦାଶିବ ପ୍ରହରାଜ)**

ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜୋନାଲସ୍ତରୀୟ ଶିଶୁ ସୁରକ୍ଷା, ଶିଶୁ ଅଧିକାରୀ, ଶିଶୁ ଶ୍ରମ, ଶିଶୁ ଜୋନ ସୁରକ୍ଷା ଓ ବାଲ୍ୟ ବିବାହ ବିରୋଧ ସଚେତନତା କର୍ମଶାଳା ଉମରକୋଟ ବ୍ଲକ୍ କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳସ୍ତରରୁ ବାଲ୍ୟ ବିବାହ ରୋକିବା କାର୍ଯ୍ୟକ୍ରମର ଲକ୍ଷ୍ୟ। ଏଥିସହ ବାଲ୍ୟ ବିବାହ ନିଷେଧ ଆଇନ, ଶିଶୁ ଶ୍ରମ ନିଷେଧ ଆଇନ, ପୋକ୍‌ସୋ ଆଇନ ଏବଂ ଶିଶୁ ଅଧିକାର ବିଷୟରେ ସମସ୍ତ ସଂଯୋଗୀ ଅଧିକାରୀମାନଙ୍କୁ ଜାଗୃତ କରିବା, କ୍ଷମତା ବିକେନ୍ଦ୍ରୀକରଣ କରାଯାଇ ଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି, ପୋଲିସ ଓ ପଞ୍ଚାୟତରାଜ ବିଭାଗକୁ ଉତ୍ତର ଦାୟିତ୍ୱ ଦିଆଯାଇ ସେମାନଙ୍କ ଦାୟିତ୍ୱ ଓ ଭୂମିକା ଠିକ ଭାବରେ ପାଳନ କରିବା ଏହାର ଲକ୍ଷ୍ୟ। ପଞ୍ଚାୟତ ନିର୍ବାହୀ ଅଧିକାରୀ ପଞ୍ଚାୟତସ୍ତରରେ, ସିଡିପିଓ ବ୍ଲକ ବାଲ୍ୟ ବିବାହ ନିଷେଧ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ଦେଇଥିଲେ। ବିଡିଓ ମନୋଜ କାମର ମେହେର ଉଦ୍‌ଘାଟନ କରିଥିଲେ। ତୃଣମୂଳସ୍ତରରୁ ବାଲ୍ୟ ବିବାହ ରୋକିବା ସହ ଏବଂ ରେଡ୍ ଜୋନରୁ ଉପକୁ ଉଠି ଜିଲାର ବାଳିକାଙ୍କ ଶିକ୍ଷା କ୍ଷେତ୍ରରେ କିଭଳି ଉନ୍ନତି ଆସିବ ଓ ସେମାନେ କିଭଳି ଆଗକୁ ଯାଇପାରିବ ସେ ଦିଗରେ କାମ କରିବା ପାଇଁ ମୁଖ୍ୟ ଅତିଥି ସମସ୍ତଙ୍କୁ କହିଥିଲେ। ସାଧନ ବ୍ୟକ୍ତି ଭାବେ ସ୍ପେସିଆଲ ପବ୍ଲିକ ପ୍ରସିକ୍ୟୁଟର ଜୟପୁର ବି .ଗାୟତ୍ରୀ ଦେବୀ ଯୋଗଦେଇ ଶିଶୁ ସୁରକ୍ଷା ଆଇନ ବିଷୟରେ ଉପସ୍ଥାପନା କରିଥିଲେ। ଅନ୍ୟ ସାଧନ ବ୍ୟକ୍ତିଭାବେ ପ୍ରଭାସିନୀ ପଟ୍ଟନାୟକ, ଲିଗାଲ ପ୍ରୋବେସନ ଅଫିସର କିଶୋର ମାର୍ଥା, ଅତିରିକ୍ତ ଶ୍ରମ ଅଧିକାରୀ ମାନସ ରଞ୍ଜନ ଖୋସ୍ଲା, ମନୋରମା ମାଝୀ ,ଅଜିତ ମନବଧ ଉପସ୍ଥିତ ଥିଲେ। ବୈଠକରେ ରାଇଘର, ଚନ୍ଦାହାଣ୍ଡି, ଝରିଗାଁ, ଉମରକୋଟ ଏବଂ ଡାବୁଗାଁର ସମସ୍ତ ବ୍ଲକ ଶିଶୁ ପ୍ରକଳ୍ପ ଅଧିକାରୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ସରପଞ୍ଚ, ଅଙ୍ଗନୱାଡ଼ି ସୁପରଭାଇଜର, ସମିତି ସଭ୍ୟ, ଭାରପ୍ରାପ୍ତ ଥାନାଧିକାରୀ, ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ସମରେନ୍ଦ୍ର ପରିଡା,କିଷାନ ପଟନାୟକ, ଏବଂ ହେଲ୍ପ ଏ ଚାଇଲଡ ପ୍ରତିନିଧିଙ୍କ ସହ କିଶୋର ମାର୍ଥା ଏବଂ ପ୍ରବାସିନୀ ପଟ୍ଟନାୟକ ଉପସ୍ଥିତ ଥିଲେ।



ବୈଠକରେ ଅତିଥିମାନେ ଆଲୋଚନା କରୁଛନ୍ତି।

# ସୁସ୍ଥ ସମାଜ ଗଠନ କରିପାରିବେ ଶୃଙ୍ଖଳିତ ଶିଶୁ


ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ରାଇମିଂ ବାର୍ଡ ସ୍କୁଲର ବାର୍ଷିକ ଉତ୍ସବ

**ଉମରକୋଟ, ୨୬।୩ (ସନ୍ତୋଷ ଶତପଥୀ)**

ଉମରକୋଟସ୍ଥିତ ରାଇମିଂ ବାର୍ଡ ସ୍କୁଲର ସପ୍ତମ ବାର୍ଷିକ ଉତ୍ସବ ଦାଢ଼ିଗୁଡ଼ାସ୍ଥିତ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ପୌର ପରିଷଦ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ,ସ୍କୁଲ ସଭାପତି ସୁଚରିତା ଶତପଥୀ, ଉପ ଅଧ୍ୟକ୍ଷା ସୁରଶ୍ରୀୟା ପଟ୍ଟନାୟକ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସ୍କୁଲ ପରିଚାଳନା ନିର୍ଦ୍ଦେଶକ କାମାକ୍ଷା ପ୍ରସାଦ ଶତପଥୀଙ୍କ ସ୍ୱାଗତ ଭାଷଣ, ସ୍କୁଲ ଅଧ୍ୟକ୍ଷ ସ୍ୱପ୍ନେଶ୍ୱର ପତି ବାର୍ଷିକ ବିବରଣୀ ପାଠ କରିଥିଲେ। ପିଲାଙ୍କ ପ୍ରତି ଧ୍ୟାନ ଦେବାକୁ ଅଭିଭାବକଙ୍କୁ କୁହାଯାଇଛି। ପିଲାଙ୍କ ଭବିଷ୍ୟତ ଗଠନରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଶୃଙ୍ଖଳିତ ପିଲା ଏକ ସୁସ୍ଥ ସମାଜ ଗଠନରେ ସହାୟକ ବୋଲି କୁହାଯାଇଛି। ଅତିଥି ଓ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଛି। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଶିକ୍ଷୟିତ୍ରୀ ଶିବାନୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

## କୋରାପୁଟକୁ ପିଏମ୍ ଆୱାର୍ଡ ନେଇ ଆକଳନ
# ଲମତାପୁଟର ବିଭିନ୍ନ ଅଞ୍ଚଳ ପରିଦର୍ଶନ କଲେ କେନ୍ଦ୍ରୀୟ ଟିମ୍

**କୋରାପୁଟ,୨୬।୩(ଅମିତାଭ ବେହେରା):** କୋରାପୁଟ ଜିଲା ଗସ୍ତରେ ଆସିଥିବା ୨ ଜଣିଆ କେନ୍ଦ୍ରୀୟ ଟିମ୍ ବୁଧବାର ତୃତୀୟ ଦିନରେ ଜିଲାର ଲମତାପୁଟ ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରି କୋରାପୁଟକୁ ପିଏମ୍ ଆୱାର୍ଡ଼ ନିମନ୍ତେ ଆକଳନ କରିଛନ୍ତି । ଏହି ଟିମ୍‌ରେ ପ୍ରତିରକ୍ଷା ମନ୍ତ୍ରଣାଳୟର ନିର୍ଦ୍ଦେଶକ କେ.ବାଲେନ ନାୟକ ଏବଂ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ନିର୍ଦ୍ଦେଶକ ବିକାଶ ସିଂ ରହିଛନ୍ତି। ପିଏମ୍ ସୂର୍ଯ୍ୟ ଘର ମୁକ୍ତ ବିଜିଳି ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆୱାସ ଯୋଜନା, ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆୱାସ ଯୋଜନା, ହର ଘର ଜଳ ଯୋଜନା, ମିଶନ ଇନ୍ଦ୍ରଧନୁଶ, ପିଏମଜେଏୱାଇ, ପିଏମ୍ ଏସ୍‌ଭିଏ ନିଧି ପ୍ରମୁଖ ୭ଟି କେନ୍ଦ୍ରୀୟ ଯୋଜନାର ହିତାଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ଏହି ଟିମ୍ ବୁଧବାର ସକାଳୁ ପ୍ରଥମେ ଲମତାପୁଟ ବ୍ଲକର ପେଟା ପଞ୍ଚାୟତ ଯାଇ ସେଠାରେ ପିଏମ୍ ବିଶ୍ୱକର୍ମା ହିତାଧିକାରୀ, ସରପଞ୍ଚ, ଲୋକ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ପରେ ରାଣୀତୋଟା କଫି ଫାର୍ମ ପରିଦର୍ଶନ କରି ସେଠାରେ କାର୍ଯ୍ୟରତ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ। ପରେ ବ୍ଲକର କାକାଳପଡ଼ା ଗ୍ରାମକୁ ଯାଇ ସେଠାରେ ପିଏମ୍ କିଷାନ ହିତାଧିକାରୀ ଓ ଏସ୍‌ଏଚଜି ମହିଳାଙ୍କ ସହ ଆଲୋଚନା କରିଥିଲେ। ପରେ ଲମତାପୁଟ ସିଏଚ୍‌ସି ପରିଦର୍ଶନ କରି ସେଠାରେ ରୋଗୀମାନଙ୍କୁ କିପରି ସ୍ୱାସ୍ଥ୍ୟ ସୁବିଧା ମିଳୁଛି ତାହା ଅନୁଧ୍ୟାନ କରିଥିଲେ। ସେହିପରି କାଙ୍ଗରପଡା ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ସେଠାରେ ପିଲାଙ୍କ ପୋଷଣ ଓ ଶିକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ସେହିପରି ଆଶାକିରଣ ଯାଇ ସେଠାରେ ବାୟୋକ୍ରାଫ୍ଟ ଦେଖିବା ସହ ସେଠାର ହିତାଧିକାରୀଙ୍କୁ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ପରେ ଲମତାପୁଟ ବ୍ଲକର ଡୁଷୁବା ପଞ୍ଚାୟତ ଯାଇ ସେଠାରେ ଥିବା ମା' ଗୃହର ଅନୁଧ୍ୟାନ କରିଥିବା ଜଣାଯାଇଛି। ଏହି ଟିମ୍‌ଙ୍କ ଗସ୍ତ ବେଳେ କୋରାପୁଟ ଜିଲାପାଳ ଭି. କିର୍ତ୍ତିଭାସନ, କୋରାପୁଟ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରାଙ୍କ ସମେତ ଲମତାପୁଟ ବିଡ଼ିଓ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନବରଙ୍ଗପୁର ପରିବହନ ନିଗମ ଜିଲା ପରିଚାଳକ ରାଜ୍ୟସ୍ତରରେ ସମ୍ମାନିତ


ପରିବହନ ନିଗମ ଜିଲା ପରିଚାଳକ ସନ୍ତୋଷ କୁମାର ନାୟକ ପୁରସ୍କାର ଗ୍ରହଣ କରୁଛନ୍ତି।

**ନବରଙ୍ଗପୁର, ୨୬।୩(ସଦାଶିବ ପ୍ରହରାଜ)**

ପରିବହନ ନିଗମ ପକ୍ଷରୁ ଜିଲାରେ ଗଡୁଥିବା ବସ୍ ଓ ମୁଖ୍ୟମନ୍ତ୍ରୀ ବସ୍ ସେବା ପରିଚାଳନାରେ ଉତ୍ତମ କାର୍ଯ୍ୟ ପାଇଁ ନବରଙ୍ଗପୁର ଜିଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ନବରଙ୍ଗପୁର ଜିଲା ସଡକ ପରିବହନ ନିଗମ ପ୍ରବନ୍ଧକ ରାଜ୍ୟରେ ପ୍ରଥମଭାବେ ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପରିବହନ ନିଗମ ଜିଲା ପରିଚାଳକ ସନ୍ତୋଷ କୁମାର ନାୟକଙ୍କୁ ରାଜ୍ୟ ପରିବହନ ନିଗମ ପରିଚାଳନା ନିର୍ଦ୍ଦେଶକ ଦୀପ୍ତେଶ କୁମାର ପଟ୍ଟନାୟକ ପୁରସ୍କୃତ କରାଯାଇଛି। ଜିଲା ପରିଚାଳକ ଓ ତାଙ୍କ ଟିମ୍ ଉତ୍ତମ ପ୍ରଦର୍ଶନକୁ ନେଇ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ସଫଳତା ପାଇଁ ଜିଲା ପ୍ରଶାସନ ଓ ଜିଲା ପରିବହନ ନିଗମ ଟିମ୍‌କୁ ନାୟକ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟରେ ନବରଙ୍ଗପୁର ଜିଲା ପରିବହନ ନିଗମର ପରିଚାଳନା କ୍ଷେତ୍ରରେ ଏକ ଆଦର୍ଶ ଜିଲା ହୋଇପାରିଛି।

# ଭଲ ପଢ଼ି ନିଜର, ସ୍କୁଲର ନାଁ ରଖିବାକୁ ପରାମର୍ଶ

## କୋଇଲାରୀ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଡାବୁଗାଁ, ୨୬।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ କୋଇଲାରୀ ପଞ୍ଚାୟତ ସଦର ମହକୁମାସ୍ଥିତ କୋଇଲାରୀ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପାଳନ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲୀଳାବତୀ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବେହେରା ବାର୍ଷିକ ବିବରଣୀ ପାଠ ସହ ସ୍ୱାଗତ ଭାଷଣ ଦେଇଥିଲେ। ସରପଞ୍ଚ ଚନ୍ଦ୍ରୀ ଭତ୍ରା ମୁଖ୍ୟ ଅତିଥିଭାବେ ଯୋଗଦେଇ ମନଦେଇ ପାଠ ପଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଭିଭାବକମାନେ ନିୟମିତ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବାକୁ ସେ କହିଥିଲେ। ଏବିଇଓ ସନ୍ତୋଷ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କୁ ଗପ ମାଧ୍ୟମରେ ଉତ୍ତମ ଚରିତ୍ର ଗଠନ ସହ ଶୈକ୍ଷିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା, ଭଲ ପାଠ ପଢି ନିଜର ଓ ସ୍କୁଲର ନାଁ ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଗ୍ରାମର ଭଦ୍ର ବ୍ୟକ୍ତି ମୁନା ମାଝି, ରାମସିଂ ମାଝି, ନିଧି ମାଝି, ପୁଲେଶ୍ୱର କଲାର, ଶିକ୍ଷୟିତ୍ରୀ ପୁଷ୍ପଲତା ସାମଲ, ଶର୍ମିଳା ଜେନା, ସବିତା ଦାଶ, ପରିଚିତା ନାୟକ, ଶିକ୍ଷକ ବଲ୍ଲଭ ନାରାୟଣ ପଣ୍ଡା, ଭକଚନ୍ଦ୍ର ମାଝି, ଗୋବିନ୍ଦ ଭତ୍ରା, ରାମାକାନ୍ତ ସାହୁ, ପୁରୋହିତ ବାଗ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ବିକାଶ ରଞ୍ଜନ ନିଶଙ୍କ ମଞ୍ଚ ପରିଚାଳନା କରିଥିଲେ।


ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯୁବ ବିଜେଡିର ଦାବିପତ୍ର

**ନବରଙ୍ଗପୁର,୨୬।୩(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଯୁବ ବିଜେଡି ପକ୍ଷରୁ ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ନବରଙ୍ଗପୁର ଜିଲାରେ ବିଭିନ୍ନ ଉନ୍ନୟନ କାମ ନିମ୍ନମାନର ହେଉଛି। ଅଫିସରଙ୍କୁ ହାତବାରିସି କରି ବହୁ କୋଟି ଟଙ୍କା କାମ ଲୋକ ହାତେଇ ନେଉଛନ୍ତି। ଅନ୍‌ଲାଇନ ଟେଣ୍ଡର ପ୍ରକ୍ରିୟା ହେଉ ନ ଥିବା ଯୋଗୁ ଠିକାଦାର ନିରାଶ ହେଉଛନ୍ତି। ଏହାଦ୍ୱାରା ସରକାରଙ୍କ ରାଜସ୍ୱ କମିବାରେ ଲାଗିଛି ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଅନଭିଜ୍ଞ ଠିକାଦାରଙ୍କ ଦ୍ୱାରା କାମ ସମ୍ପାଦନ ଯୋଗୁ ଗୁଣବତ୍ତା ଉପରେ ପ୍ରଶ୍ନ ଉଠୁଛି। ନବରଙ୍ଗପୁରରେ ଥିବା ସମସ୍ତ ବିଭାଗ ଯଥା ରାସ୍ତା ଏବଂ ଗୃହ ନିର୍ମାଣ ସଂସ୍ଥା, ବ୍ଲକ୍ ପ୍ରଶାସନ, ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗକୁ ଦାବିପତ୍ରର ନକଲ ଦିଆଯାଇଛି। ଅଭିଯୋଗୁଡ଼ିକର ସମାଧାନ ନ ହେଲେ ଯୁବ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନବେଳେ ପୂର୍ବତନ କାଉନସିଲର ଉତ୍ତମ ତ୍ରିପାଠୀ, ଯୁବନେତା ସାନୁଜ ତ୍ରିପାଠୀ, କିଷାନ ପାତ୍ର, ସ୍ୱାଧୀନ ପଣ୍ଡା, ରାମ ମହାପାତ୍ର, ପିଣ୍ଟୁ ରଥ, ବଳାମୁକୁନ୍ଦ ଶତପଥୀ, କୁନା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ନବରଙ୍ଗପୁର ଜିଲାର ୧୩ ଥାନାକୁ ମିଳିବ ନୂଆ ଗାଡ଼ି

**ନବରଙ୍ଗପୁର,୨୬।୩ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାର ୧୩ ଥାନାକୁ ମିଳିବ ନୂଆ ଗାଡ଼ି। ପ୍ରଥମ ପର୍ଯ୍ୟାୟରେ ବୁଧବାର ୬ଟି ଗାଡି ଆସିଥିଲା। ସେ ସବୁକୁ ମା' ଭଣ୍ଡାରଘରଣୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ୨ୟ ପର୍ଯ୍ୟାୟରେ ୭ଟି ଗାଡ଼ି ଆସିବ। ଏହି ୧୩ ନୂଆ ଗାଡି ଜିଲାର ୧୩ ଥାନାକୁ ଦିଆଯିବ। କିଛି ଥାନାରେ ପୁରୁଣା ଗାଡ଼ି ଥିବା ଯୋଗୁ ଅସୁବିଧା ହେଉଥିବା ନେଇ ଦାବି ହୋଇ ଆସୁଥିଲା। ଏଏସ୍‌ଆଇଙ୍କଠାରୁ ଆରମ୍ଭ କରି ଇନ୍ସପେକ୍ଟର ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ ବାଇକ ଓ ସ୍କୁଟି ଦିଆଯିବ ବୋଲି ଜଣାପଡ଼ିଛି।


ମନ୍ଦିରରେ ଗାଡ଼ି ପୂଜା କରାଯାଉଛି।

# ଖାଦ୍ୟ ଆୟୋଗ କମିଟିର ଚିତ୍ରକୋଣ୍ଡା ବ୍ଲକ୍ ଗସ୍ତ

**ମାଲକାନଗିରି, ୨୬।୩(ଦୁର୍ଯ୍ୟୋଧନ ପାତ୍ର)**

ଚିତ୍ରକୋଣ୍ଡା ବ୍ଲକକୁ ରାଜ୍ୟ ଖାଦ୍ୟ ଆୟୋଗ କମିଟିର ସଦସ୍ୟ ଗସ୍ତ କରିଛନ୍ତି। ସଦସ୍ୟମାନେ ଅଙ୍ଗନୱାଡ଼ି କେନ୍ଦ୍ର , ବିଭିନ୍ନ ଆଶ୍ରମ ବିଦ୍ୟାଳୟ ଓ ଛତୁଆ ମିଶ୍ରଣ କେନ୍ଦ୍ର ବୁଲି ଦେଖିଥିଲେ । ଚିତ୍ରକୋଣ୍ଡା ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ଓ ଛାତ୍ରୀ ନିବାସକୁ ଯାଇଥିଲେ । ସେଠାରେ ଖାଦ୍ୟର ଗୁଣାବଳୀ ଓ ମାନଦଣ୍ଡ ଯାଞ୍ଚ କରିବା ସହ ଛାତ୍ରୀମାନଙ୍କୁ କିପରି ଖାଦ୍ୟ ଖାଇବାକୁ ଦିଆ ହେଉଛି ବୁଝିଥିଲେ। ଏହାପରେ ରାଜୁଲକୋଣ୍ଡାସ୍ଥିତ ଛତୁଆ ମିଶ୍ରଣ କେନ୍ଦ୍ରକୁ ଯାଇଥିଲେ । ଠିକ ସମୟରେ ଅଙ୍ଗନବାଡି କେନ୍ଦ୍ରଗୁଡିକରେ ଛତୁଆ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ସମୟରେ ରାଜ୍ୟ ଖାଦ୍ୟ ଆୟୋଗ କମିଟି ସଦସ୍ୟ ଦୟାନିଧି ଦାସ, ଅକ୍ଷୟ କୁମାର ବେହେରା, ବିଡ଼ିଓ ପ୍ରିତା କୁମାର ଉପସ୍ଥିତ ଥିଲେ ।

# ନାହାନ୍ତି କାଉନ୍‌ସିଲର, ହୋଇପାରୁନି ଉନ୍ନୟନ କାମ

**କୋରାପୁଟ/ସୁନାବେଡ଼ା, ୨୬।୩(ଅମିତାଭ ବେହେରା/ କୃତ୍ତିବାସ ପ୍ରଧାନ)**

କୋରାପୁଟ ଓ ସୁନାବେଡ଼ା ପୌର ପରିଷଦରେ କେତେକ ୱାର୍ଡରେ କାଉନ୍‌ସିଲର ନାହାନ୍ତି। ସେ ସବୁ ୱାର୍ଡରେ ଉନ୍ନୟନ କାମ ସବୁ ଅଟକି ରହିଛି। ଯାହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। କୌଣସି ବି କାରଣରୁ କାଉନସିଲରଙ୍କ ସ୍ଥାନ ଖାଲି ଥିଲେ ସେଠାରେ ୬ ମାସ ମଧ୍ୟରେ ପୁନଃ ନିର୍ବାଚନନ କରାଇବା ନିୟମ ଥିଲେ ମଧ୍ୟ ଏଠାରେ ଏହାର ଖିଲାପ କରାଯାଉଥିବା ଅଭିଯୋଗ ହୋଇଛି।

କୋରାପୁଟ ପୌର ପରିଷଦ ୱାର୍ଡ ନମ୍ବର ୧୫ର କାଉସିଲର ଗୁରୁ ଜାନିଙ୍କ ଗତ ଜୁଲାଇ ମାସରେ ମୃତ୍ୟୁ ହୋଇଯାଇଛି। ଏହାପରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଠପ୍ ହୋଇପଡ଼ିଛି । ଏହି ୱାର୍ଡ଼ରେ ରେଲି କୁମ୍ଭା, ଗୁମ୍ଭାଗୁଡ଼ା, ମାଳିଗୁଡ଼ା, ଆକାଶଗୁଡ଼ା, ଶ୍ରୀରକା କଲୋନୀ ରହିଛି। କାଉସିଲରଙ୍କ ମୃତ୍ୟୁ ପରେ ୱାର୍ଡରେ କିଛି ଉନ୍ନତି ମୂଳକ କାମ ହେଉନାହିଁ ବୋଲି ୱାର୍ଡବାସୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ପୁନଃ ନିର୍ବାଚନ କରିବାକୁ ୱାର୍ଡର ଜୟଦାସ ଖରା, ବିପ୍ର ପାତ୍ର ସୁନା, ବିରେନ ସୁନା, ସୁଶାନ୍ତ ସୁନା, ଜିତୁ ସାଗର, ସୁବାସ ସୁନା, ବଳରାମ ଜାନି, ଗୋବର୍ଦ୍ଧନ ମୁଦୁଲି ନୀଳାମ୍ବର ମାଳି ଦାବି କରିଛନ୍ତି। ଏ ନେଇ ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ସାୟଦ ଶବିର ଶାହାଙ୍କୁ ପଚାରିବାରୁ ଏ ନେଇ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଜଣାଯାଇଛି। ତାଙ୍କ ନିର୍ଦ୍ଦେଶାନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସେହିଭଳି ୨୫ ୱାର୍ଡକୁ ନେଇ ସୁନାବେଡ଼ା ପୌର ପରିଷଦ ଗଠିତ। ଏଠାରେ ଦୀର୍ଘ ୨ ବର୍ଷ ହେଲା ଖାଲି ପଡିଛି ୨ କାଉନସିଲର ପଦବୀ। ୪ ଓ ୧୯ ନମ୍ବର ୱାର୍ଡର ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ବରିଷ୍ଠ ଭାଜପା ନେତା ସୁକାନ୍ତ କୁମାର ପଟ୍ଟନାୟକ ଓ ଚନ୍ଦ୍ରଶେଖର ଘୋଷ ଅଭିଯୋଗ ଆଣିଛନ୍ତି। ଗତ ପୌର ନିର୍ବବାଚନରେ ୪, ୧୯ ୱାର୍ଡର କାଉନସିଲର ଭାବେ ଯଥାକ୍ରମେ ଆଶା କାତ୍ରାକା ଏବଂ ଶଙ୍କର ବିଲେଇ ପାଢ଼ିଆ ନିର୍ବାଚିତ ହୋଇଥିଲେ। ଆଶା ସରକାରୀ ଚାକିରୀ ପାଇ ୨୦୨୩ ଏପ୍ରିଲ ୧୧ରେ ପଦରୁ ଇସ୍ତଫା ଦେଇଥିଲେ। ସେହିପରି ୧୯ ନଂ ୱାର୍ଡ କାଉନ୍‌ସିଲର କୌଣସି କାରଣରୁ ୨୦୨୪ ନଭେମ୍ବର ୧୯ରେ ପଦ ଛାଡ଼ିଥିଲେ। ଏବେ ଏହି ୨ ୱାର୍ଡର ଲୋକଙ୍କ ସମସ୍ୟା ବୁଝିବାକୁ କେହି ନ ଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନି। ଜିଲା ଓ ପୋର ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏସମ୍ପର୍କରେ ସୁନାବେଡ଼ା ପୋର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ପଚାରିବାରୁ ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟରୁ ନିର୍ବାଚନ ପକ୍ରିୟା ପାଇଁ ଯେଉଁ ଦସ୍ତାବିଜ ଯୋଗାଡ଼ କରିବାକୁ ନିର୍ଦ୍ଦେଶ ଆସିଥିଲା ତାହା ଯୋଗାଡ଼ ସରିଛି। କିଛିଦିନ ତଳେ ନିର୍ବାଚନ କମିଶନର ସାରା ଓଡ଼ିଶାରେ ଖାଲି ପଡିଥିବା କାଉନସିଲର ପଦବୀର ସାନି ନିର୍ବାଚନ ପାଇଁ ଖୁବ ଶୀଘ୍ର ତାରିଖ ଘୋଷଣା ହେବା ନେଇ ଘୋଷଣା ହୋଇଥିବା ସେ କହିଛନ୍ତି।

## ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ
# ଗଛ ହିଁ ଆମ ସାହା ଭରସା

**ପଟ୍ଟାଙ୍ଗି,୨୬।୩(ଶରତ କୁମାର ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଞ୍ଚଳରେ ଥିବା ଅମ୍ବାବାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଲବଙ୍ଗଲତା ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ଉତ୍ସବରେ ବିଧାୟକଙ୍କ ପ୍ରତିନିଧି ଅର୍ଜୁନ ବାଙ୍କା, ଏମ୍‌ପି ପ୍ରତିନିଧି ଶୁକ୍ରା ଖରା, ଏବିଇଓ ପଞ୍ଚାନନ ମହାନ୍ତି ଏବଂ ଓଏମ୍‌ସି ମ୍ୟାନେଜର ହିମାଚଳ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଉପସ୍ଥିତ ଅତିଥି ଏବଂ ସମ୍ମାନିତ ଅତିଥିଙ୍କୁ ଏକ ନିଆରା ଢଙ୍ଗରେ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଔଷଧୀୟ ଚାରା ଦେଇ ସ୍ୱାଗତ କରିଥିଲେ। ବର୍ତ୍ତମାନ ଯେଉଁଭଳି ଖରା ସହ ଗରମ ବଢ଼ି ଚାଲିଛି ଏହି ଗଛ ହିଁ ଆମ ସାହାଭରସା ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଉପାନ୍ତ ଅଞ୍ଚଳରେ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବାର୍ଷିକ ଉତ୍ସବ କରି ଉତ୍ସାହିତ କରିବା ଅନ୍ୟ ବିଦ୍ୟାଳୟଗୁଡିକ ପାଇଁ ଏହା ଉଦାହରଣ ହୋଇ ରହିବ । ବିଦ୍ୟାଳୟରେ ପଢାଉଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରତି ଛାତ୍ରୀଛାତ୍ର ସମ୍ମାନ ଦେବା ସହ ପଢାଯାଉଥିବା ବିଷୟଗୁଡିକୁ ଠିକ୍ ଭାବେ ବୁଝିବା ପ୍ରଥମ କାମ ବୋଲି ଅଭିଭାଷଣରେ ଅତିଥିମାନେ କୁନି କୁନି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ଶେଷରେ ବିଦ୍ୟାଳୟର କୁନିକୁନି ଛାତ୍ରୀଛାତ୍ର ଗୀତରେ ନାଚି ଅତିଥିଙ୍କୁ ଉତ୍ସାହିତ କରିଥିଲେ। ୧୯୬୯ ସ୍ଥାପିତ ଉକ୍ତ ବିଦ୍ୟାଳୟରେ ରହିଛି ପ୍ରଥମରୁ ଦଶମ ଶ୍ରେଣୀ । ଏଠାରେ ୩୧୩ ଛାତ୍ରୀଛାତ୍ର ପଢୁ ଥିବାବେଳେ ସ୍କୁଲ ପାଚେରି ସହ ଖେଳ ପଡିଆ ନାହିଁ। ବିଦ୍ୟାଳୟ ପରିସରରେ ଦୀର୍ଘ ବର୍ଷ ହେଲା ୪୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ୍ ଗୃହ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଛି। ବିଦ୍ୟାଳୟଟି ଅନେକ ସମସ୍ୟା ଭିତରେ ଗତି କରୁଛି। ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଭିନ୍ନ ସମସ୍ୟାରେ ପାଠପଢା ଜାରି ରଖିଛନ୍ତି । ବାର୍ଷିକ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଅଜିତ କୁମାର ତରିଆ, ସଭାପତି ଜାନି କଣ୍ଡା, ପବିତ୍ର ଜାନି, ଓଏମ୍‌ସି ଇଞ୍ଜିନିୟର ରାଜେନ୍ଦ୍ର ନାରାୟଣ ମହନ୍ତ, ଶୁଭେନ୍ଦୁ ସାହୁ ଏବଂ ସାମାଜିକ କର୍ମୀ ବଳରାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ କେଶବ ପାତ୍ର, ସୁଶାନ୍ତ କୁମାର ମିଶ୍ର, ବାଙ୍କା ମୋହନ, ରମେଶ ଚନ୍ଦ୍ର ସ୍ୱାଇଁ , ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ, ନାଳା ସନ୍ଧ୍ୟା, କୋମ୍ପାନା ସନ୍ତୋଷ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No.RDM-LAA-MBJ-0004-2025-3592/ R&DM,** **Dated: 31 JAN 2025**

No.XXI-74: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ଓ ପଥରଚାଟିଆ ମାଇନର ଓ ବଡାମପୁର ସବ୍ ମାଇନର-I, II, III ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ବଡାମପୁର, ଥାନା: ବୈଶିଙ୍ଗା ନଂ. ୧୯୪, ତହସିଲ: ରାସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୨୪.୨୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ଓ ପଥରଚାଟିଆ ମାଇନର ଓ ବଡାମପୁର ସବ୍ ମାଇନର-I, II, III ନିର୍ମାଣ ନିମନ୍ତେ ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ ।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପଜିଲ୍ଲାପାଳ, ବାରିପଦା ।

୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ବଡାମପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୧୦୭.୩୨ | ଏ. ୨୪.୨୬ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୨.୨୪ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷୀ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– (ସୁରଞ୍ଜନ ପ୍ରଧାନ)**
**ଅତିରିକ୍ତ ଶାସନ ସଚିବ**

## ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା: ୭୯/ ୨୦୨୩
ଏ.୨୪.୨୬ ଡେ.ମି

### ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେଶରୀ ଡିଷ୍ଟ୍ରିବ୍ୟୁଟାରୀ ଓ ପଥରଚାଟିଆ ମାଇନର ଓ ବଡାମପୁର ସବ୍ ମାଇନର- I, II, III ମୌଜା-ବଡାମପୁର, ଥାନା-ବୈଶିଙ୍ଗା ନଂ-୧୯୪, ତହସିଲ-ରାସଗୋବିନ୍ଦପୁର, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 4 | 81 | 0.62 | 0.20 | ଶାରଦ ତିନି | ଅନନ୍ତ ମାଝୀ, ପି:ସୁନ୍ଦରା ମାଝୀ, ପଣ୍ଡେ ମାଝୀ, ସ୍ୱା:ସୁନ୍ଦରା ମାଝୀ, ଦୁର୍ଗା ମାଝୀ, ସମାୟ ମାଝୀ, ପି:ସାନଅନନ୍ତା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 14 | 1188 | 4.08 | 0.46 | ଶାରଦ ଏକ | ଅନ୍ତର୍ଯ୍ୟାମୀ ବେହେରା, ପି:ଆନନ୍ଦ ବେହେରା, ନିରଞ୍ଜନ ବେହେରା, ପି:ସାନନ୍ଦ ବେହେରା, ଜା:କେଶୁରିଆ, ବା:ନିଜଗାଁ |
| | 1189 | 0.50 | 0.06 | ଆଶୁ | |
| 18 | 532 | 0.55 | 0.29 | ଶାରଦ ଦୁଇ | ଅମ୍ବାଇ ମାଝୀ, ପି:ଅନନ୍ତା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 533 | 0.12 | 0.07 | ଶାରଦ ଦୁଇ | |
| 25 | 1142/ 2448 | 0.35 | 0.01 | ଶାରଦ ଦୁଇ | ଆଶାମଣି ଭୂୟାଁ, ସ୍ୱା:ପୂର୍ଣ୍ଣ ଚନ୍ଦ୍ର ଭୂୟାଁ, ଜା:ଖଦାଳ, ବା:ନିଜଗାଁ |
| 27 | 2007 | 0.21 | 0.01 | ଶାରଦ ଏକ | ଇନ୍ଦ୍ରଜିତ ମହାନ୍ତ, ଚନ୍ଦ୍ରକାନ୍ତ ମହାନ୍ତ, ପି:ଭିକାରୀ ମହାନ୍ତ, ଜା:କୁଡୁମି, ବା:ପଳାସବଧା |
| 31 | 95 | 0.46 | 0.25 | ଆଶୁ | କଙ୍କା ମାଝୀ, ପି:ମଙ୍ଗଳା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 33 | 633 | 0.26 | 0.02 | ଶାରଦଦୁଇ | କଙ୍କା ମାଝୀ, ପି:ଲୁସୁର ମାଝୀ, ଲାଖିଆ ମାଝୀ, ସନା ମାଝୀ, ପି:ରାଡାମ୍ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 39 | 984 | 0.54 | 0.20 | ଶାରଦ ଦୁଇ | କନ୍ଦା ମାଝୀ, ରାମ ଦାସ ମାଝୀ, ପି:କାଣା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 985 | 0.76 | 0.08 | ଶାରଦ ଦୁଇ | |
| 40 | 981 | 0.84 | 0.03 | ଶାରଦ ଦୁଇ | କନ୍ଦା ମାଝୀ, ରାମଦାସ ମାଝୀ, ପି:କାଣା ମାଝୀ, ଭଜ ମାଝୀ, ପି:ଠାକୁରା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 986 | 0.48 | 0.10 | ଶାରଦ ଦୁଇ | |
| | 997 | 0.26 | 0.06 | ଶାରଦ ତିନି | |
| 44 | 436 | 1.57 | 0.17 | ଶାରଦ ଏକ | କହ୍ନାଇଁ ମାହାନ୍ତ, ପିତାମ୍ବର ମାହାନ୍ତ, ଦୁଆରି ମାହାନ୍ତ, ସୁମୀତ୍ରା ମହାନ୍ତ, ପି:ମଙ୍ଗଲ ମହାନ୍ତ, ନିତ୍ୟାନନ୍ଦ ମହାନ୍ତ, କେଶବତୀ ମହାନ୍ତ, ଗୁରୁବାରୀ ମହାନ୍ତ, ପି:ହାରାଧନ ମହାନ୍ତ, ଭାରତୀ ମହାନ୍ତ, ସ୍ୱା: ହାରାଧନ ମହାନ୍ତ, ଜା:କୁଡୁମି, ବା:ଶାରଦା |
| 51 | 110 | 0.19 | 0.07 | ଶାରଦ ଦୁଇ | କାମଦେବ ବାସ୍କେ, ପି:ରାମ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 244 | 0.44 | 0.35 | ଶାରଦ ଏକ | |
| | 245 | 0.05 | 0.05 | ଶାରଦ ଦୁଇ | |
| 52 | 528/ 2447 | 0.18 | 0.16 | ଶାରଦ ତିନି | କାମ ମାଝୀ, ପି:ଡୁମା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 53 | 284 | 0.50 | 0.02 | ଶାରଦ ଦୁଇ | କାରମୁ ମାଝୀ, ଖୁଟୁ ମାଝୀ, ପି:ଲେଙ୍ଗା ମାଝୀ, ଲେଙ୍ଗଟା ମାଝୀ, ପି:ମଙ୍ଗଲା ମାଝୀ, ରୁହିଆ ମାଝୀ, ପ୍ରଫୁଲ୍ଲ ମାଝୀ, କାଳିଆ ମାଝୀ, ପି:ବାର୍ଷା ମାଝୀ, ଜା:ସାନ୍ତାଳ, ବା:ରାମଚନ୍ଦ୍ରପୁର ଜିଲ୍ଲା:ବାଲେଶ୍ୱର, ଧୁମା ମାଝୀ, ପି:ଭୁରୁଙ୍ଗା ମାଝୀ, ଗମା ମାଝୀ, ପି:ଚେପା ମାଝୀ, ଜା:ସାନ୍ତାଳ, ବା:ଗୋବିନ୍ଦପୁର |
| | 451 | 0.11 | 0.05 | ଶାରଦ ଦୁଇ | |
| 71 | 430 | 1.01 | 0.09 | ଶାରଦ ଏକ | କୃଷ୍ଣ ମାହାନ୍ତ, ପଦ୍ମା ମହାନ୍ତ, ପି:ଶତ୍ରୁଘ୍ନ ମହାନ୍ତ, ଯାନ ମହାନ୍ତ, ସ୍ୱା:ଶତ୍ରୁଘ୍ନ ମହାନ୍ତ, ମକରା ମାହାନ୍ତ, ଗଙ୍ଗାଧର ମାହାନ୍ତ, ରଇବୁ ମାହାନ୍ତ, କାନ୍ତିରାମ ମାହାନ୍ତ, ରଥୁକାନ୍ତ ମାହାନ୍ତ, ଥୁଲାରାମ ମହାନ୍ତ, ମଥୁରା ମହାନ୍ତ, ସାଧୁ ମହାନ୍ତ, ପି:ଗୋବିନ୍ଦ ଚନ୍ଦ୍ର ମହାନ୍ତ, ବୁଧୁନି ମହାନ୍ତ, ସ୍ୱା:ଗୋବିନ୍ଦ ମହାନ୍ତ, ଜା:କୁଡୁମି, ବା:ସାରଦା |
| 81 | 262 | 0.76 | 0.55 | ଶାରଦ ତିନି | ଖେଲା ମାଝୀ, ପାଣ୍ଡୁ ମାଝୀ, ଥାନେଶ୍ୱର ମାଝୀ, ପି:ବାଲୁଣ ମାଝୀ, ଦୁର୍ଗୀ ମାଝୀ, ସ୍ୱା:ବାଲୁଣ ମାଝୀ, ଜା:ସାନ୍ତାଳ, ବା:ଡମ୍ବରୁ ଡହର |
| 82 | 919 | 0.49 | 0.10 | ଶାରଦ ଦୁଇ | ଖେଲା ମାଝୀ, ମାଧ ମାଝୀ, ପି:ସାହ୍ଲାୟ ମାଝୀ, ନାଙ୍ଗି ମାଝୀ, ସ୍ୱା:ସାହ୍ଲାୟ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 89 | 102 | 0.08 | 0.06 | ଶାରଦ ତିନି | ଗହ୍ଲା ମାଝୀ, ପି:ସାନମଙ୍ଗଲ ମାଝୀ, ଚାନ୍ଦରାୟ ମାଝୀ, ପି:ଛୋୟରାୟ ମାଝୀ, ରାଜ ମାଝୀ, ହିରା ମାଝୀ, ରକ୍ଷିଣୀ ମାଝୀ, ପି:ଅନୁପା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 464 | 0.22 | 0.02 | ଶାରଦ ତିନି | |
| 93 | 108 | 0.30 | 0.12 | ଶାରଦ ଦୁଇ | ଗିରଥ ମାଝୀ, ପି:ଭୂଣ୍ଡା ମାଝୀ, ଲକ୍ଷ୍ମଣ ମାଝୀ, ବୁଧିଆ ମାଝୀ, ଭୁଟା ମାଝୀ, ପି:ଲୁନ୍ଦ୍ରା ମାଝୀ, ପୁନ୍ତା ମାଝୀ, ସ୍ୱା:ଲୁନ୍ଦ୍ରା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 454 | 0.33 | 0.04 | ଶାରଦ ଦୁଇ | |
| | 455 | 0.11 | 0.04 | ଶାରଦ ଦୁଇ | |
| 95 | 1552 | 0.45 | 0.17 | ଶାରଦ ତିନି | ଗିରିଧାରୀ ରାମ, ହଗୁରି ରାମ, ପି:ଭରତ ରାମ, ଝଡିଆ ରାମ, ନାଥ ରାମ, କାଳନ୍ଦି ରାମ, ପି:ବିଜଲା ରାମ, ଚମ୍ପା ରାମ, ସ୍ୱା:ଭରତ ରାମ, ଜା:ଓରାଣ, ବା:ବଧି |
| | 1650 | 2.42 | 0.19 | ଶାରଦ ଦୁଇ | |
| 97 | 1554 | 0.27 | 0.09 | ଶାରଦ ତିନି | ଗୁରୁବାରିଆ ରାମ, ପି:ରଇବା ରାମ, ହାଉଡା ରାମ, ବୁଧିଆ ରାମ, ପି:ଖଡା ରାମ, ଫାଗି ରାମ, ସ୍ୱା:ଖଡା ରାମ, ଜା:ଓରାଣ, ବା:ବଧି |
| | 1553 | 0.19 | 0.05 | ଆଶୁ | |
| 105 | 1535 | 0.68 | 0.16 | ଶାରଦ ଦୁଇ | ଗୋବିନ୍ଦ ଚନ୍ଦ୍ର ବେହେରା, ପି:ଲଛମନ ବେହେରା, ଜା:ମଣ୍ଡଳ, ବା:ବଧି |
| 106 | 1033 | 0.14 | 0.07 | ଶାରଦ ତିନି | ସୁଶାନ୍ତ କୁମାର ରାଉତ, ସୁମିତ୍ରାମଣି ରାଉତ, ପି:ମାୟାଧର ରାଉତ, ମନ୍ଦର ଧର ରାଉତ, ପି:ଗୋବିନ୍ଦ ଚନ୍ଦ୍ର ରାଉତ, ଜା:ଖଦାଳ, ବା:ନିଜଗାଁ |
| 108 | 1000 | 0.33 | 0.09 | ଶାରଦ ତିନି | ଗୋବିନ୍ଦ ରାଉତ, ପି:ଜଗବନ୍ଧୁ ରାଉତ, ଗୋପାଳ ରାଉତ, ନେପାଳ ରାଉତ, ପି:ଚିନ୍ତାମଣି ରାଉତ, ଜା:ଖଦାଳ, ବା:ନିଜଗାଁ |
| 112 | 109 | 0.18 | 0.08 | ଶାରଦ ଦୁଇ | ଗୌରହରି ବାସ୍କେ, ପି:କାରୁ ବାସ୍କେ, ବାହ୍ଲି ବାସ୍କେ, ସ୍ୱା:କାରୁ ବାସ୍କେ, ଚାନ୍ଦୁ ବାସ୍କେ, ପି:ରେଣ୍ଡା ବାସ୍କେ, ଜା:ସାନ୍ତାଲ, ବା:ନିଜଗାଁ |
| | 285 | 0.08 | 0.01 | ଶାରଦ ଦୁଇ | |
| | 452 | 0.14 | 0.02 | ଶାରଦ ଦୁଇ | |
| 120 | 83 | 0.34 | 0.06 | ଡାହି ଦୁଇ | ଚାନ୍ଦୁ ମାଝୀ, ରାମ ମାଝୀ, ପି:କଟିକାମ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 123 | 1030 | 0.16 | 0.07 | ଶାରଦ ତିନି | ଚୈତନ ମାଝୀ, ରଘୁନାଥ ମାଝୀ, ପି:ସୁବୁଧା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 1031 | 1.32 | 0.06 | ଶାରଦ ତିନି | |
| 136 | 1537 | 0.72 | 0.16 | ଶାରଦ ତିନି | ଜଟିଆ ରାମ, ପି:ନାଥ ରାମ, ଜା:ଓରାଣ, ବା:ନିଜଗାଁ |
| 137 | 630 | 0.23 | 0.07 | ଶାରଦ ଦୁଇ | ଜଗୁ ମାଝୀ, ଚନ୍ଦ୍ରା ମାଝୀ, ଆତମାଲ ମାଝୀ, ଚାନ୍ଦୁ ମାଝୀ, ପି:ଜଟା ମାଝୀ, ଲୁଦି ମାଝୀ, ସ୍ୱା:ଜଟା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 63 | 0.32 | 0.08 | ଶାରଦ ତିନି | |
| 149 | 544 | 0.21 | 0.10 | ଡାହି ଦୁଇ | ଚନ୍ଦ୍ର କାନ୍ତ ମହାନ୍ତ, ପାର୍ବତୀ ମହାନ୍ତ, ସରସ୍ୱତୀ ମହାନ୍ତ, ପି:ଶ୍ରୀଧର ମହାନ୍ତ, ତୁଲାବତୀ ମହାନ୍ତ, କନକ ମହାନ୍ତ, ପି:ରାଧାନାଥ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| 153 | 80 | 0.65 | 0.08 | ଶାରଦ ତିନି | ଠୁମୁ ମାଝୀ, ଭଗଲ ମାଝୀ, ପି:ନାୟକା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ, ପଳାତକ ପକ୍ଷେ ଜବର ଦଖଲ କନ୍ଦା ମାଝୀ, ବାସେଦ ମାଝୀ, ପି:ଲୁସ୍କୁ ମାଝୀ, ବାଲି ମାଝୀ, ସ୍ୱା:ଲୁସ୍କୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ ସାମିଲ ବେଡନାସିଆ |
| 156 | 462 | 0.32 | 0.02 | ଶାରଦ ଦୁଇ | ଡୁମା ମାଝୀ, ପି:ଯାଦୁ ମାଝୀ, କାମ ମାଝୀ, ପି:ଡୁମା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 163 | 1570 | 0.16 | 0.04 | ଶାରଦ ତିନି | ଥୁଣ୍ଡା ମାଝୀ, ପି:ଛୋଟରାୟ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 1653 | 0.09 | 0.01 | ଶାରଦ ଦୁଇ | |
| | 1571 | 0.35 | 0.09 | ଶାରଦ ତିନି | |
| 173 | 890 | 0.32 | 0.07 | ଶାରଦ ତିନି | ଦିବାକର ରାଉତ, ପି:ଗୁହିନ ରାଉତ, ଜା:ଖଦାଳ, ବା:ନିଜଗାଁ |
| | 904 | 0.59 | 0.15 | ଶାରଦ ତିନି | |
| | 1175 | 0.52 | 0.05 | ଶାରଦ ତିନି | |
| 180 | 879 | 0.49 | 0.09 | ଶାରଦ ତିନି | ଦୁର୍ଗା ରାଉତ, ପି:ସାଙ୍ଗ ରାଉତ, ଜା:ବଗାଳ, ବା:ନିଜଗାଁ |
| 181 | 628 | 0.55 | 0.10 | ଶାରଦ ଦୁଇ | ଦୁର୍ଯ୍ୟୋଧନ ରାଉତ,ପି:ସୁଦାମ ରାଉତ, ଜା:ବଗାଳ, ବା:ନିଜଗାଁ |
| | 1034 | 0.03 | 0.03 | ଶାରଦ ତିନି | |
| 185 | 951 | 0.62 | 0.14 | ଶାରଦ ଏକ | ଦୈତାରି ସାହୁ, ଅଲେଖ ସାହୁ, ପି:ଯଦୁ ସାହୁ, ଜା:ସୁଣ୍ଡି, ବା:ନିଜଗାଁ |
| 186 | 32 | 0.75 | 0.18 | ଆଶୁ | ଧାନ ମାଝୀ, ନରସିଂହ ମାଝୀ, ପି:ବାରସା ମାଝୀ, ଲୁଶା ମାଝୀ, ଲଦ ମାଝୀ, ପି:ଠକୁରା ମାଝୀ, ସାକର ମାଝୀ, ସ୍ୱା:ଠାକୁରା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 76 | 0.54 | 0.03 | ଆଶୁ | |
| 88 | 2008 | 0.35 | 0.06 | ଶାରଦ ଏକ | ନରହରି ପାତ୍ର, ପି:କୃଷ୍ଣ ପ୍ରସାଦ ପାତ୍ର, ବାୟାଣୀ ପାତ୍ର, ସ୍ୱା:କୃଷ୍ଣ ପ୍ରସାଦ ପାତ୍ର, ଜା:ଖଣ୍ଡାୟତ, ବା:ନିଜଗାଁ |
| | 2010 | 0.50 | 0.10 | ଶାରଦ ଏକ | |
| 192 | 1174 | 0.57 | 0.19 | ଆଶୁ | ନରସିଂହ ସାହୁ, ପି:ଚରଣ ସାହୁ, ଯୋଗେନ୍ଦ୍ର ସାହୁ, ପି:ଶ୍ରୀଧର ସାହୁ, ଦୁର୍ଗା ସାହୁ, ସ୍ୱା:ଫକିର ସାହୁ, ରଙ୍ଗଲତା ସାହୁ, ପି:ପେଙ୍କା ସାହୁ, ତ୍ରୈଲକ୍ୟ ସାହୁ, ପି:ମଥୁରା ସାହୁ, ଦୈତାରି ସାହୁ, ଅଲେଖ ସାହୁ, ପି:ଯଦୁ ସାହୁ, ଜା:ସୁଣ୍ଡି, ବା:ନିଜଗାଁ |
| 197 | 413 | 1.04 | 0.12 | ଶାରଦ ଦୁଇ | ନାଥ ମାଝୀ, ପି:ମୋହନ ମାଝୀ, ମାତି ମାଝୀ, ସ୍ୱା:ମୋହନ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 200 | 634 | 0.32 | 0.10 | ଶାରଦ ଦୁଇ | ନାମି ମାଝୀ, ପି:ଖେଲା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 221 | 1583 | 1.00 | 0.03 | ଡାହି ଦୁଇ | ପ୍ରଭାକର ରାମ, ନରହରି ରାମ, ପି:ଶୁକ୍ର ରାମ, ବୁଧୁନି ରାମ, ସ୍ୱା:ଶୁକ୍ରା ରାମ, ଜା:ଓରାଣ, ବା:ବଧି |
| 229 | 103 | 0.87 | 0.18 | ଶାରଦ ତିନି | ପୀତ ମାଝୀ, ବୁଧୁନି ମାଝୀ, ଗାଉଁସା ମାଝୀ, ନାଙ୍ଗି ମାଝୀ, ପି:ମକରା ମାଝୀ, ପିଟି ମାଝୀ, ଡୁମୁଣି ମାଝୀ, ପି:ଚାଟୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 457 | 1.23 | 0.12 | ଶାରଦ ଦୁଇ | |
| 230 | 270 | 0.34 | 0.10 | ଶାରଦ ତିନି | ପୁଗୁରୀ ମାଝୀ, ଭୁଟୀ ମାଝି, ପି:ଚାମୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 273 | 0.97 | 0.01 | ଶାରଦ ତିନି | |
| 231 | 2005 | 0.33 | 0.12 | ଶାରଦ ଏକ | ପୁରସ୍ତମ ପାତ୍ର, ପି:ନାଥ ପାତ୍ର, ଜା:ଖଣ୍ଡାୟତ, ବା:ନିଜଗାଁ |
| | 2010/ 2412 | 0.59 | 0.10 | ଶାରଦ ଏକ | |
| | 2003 | 0.37 | 0.14 | ଶାରଦ ଏକ | |
| 235 | 263 | 1.71 | 0.08 | ଶାରଦ ତିନି | ପୁନ୍ତା ମାଝୀ, ସ୍ୱା:ଗୋବିନ୍ଦା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 236 | 170 | 0.12 | 0.02 | ଶାରଦ ତିନି | ପୁନ୍ତା ମାଝୀ, ସ୍ୱା:ଗୁମୁଦା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 286 | 0.47 | 0.20 | ଶାରଦ ତିନି | |
| 255 | 1153 | 0.53 | 0.11 | ଶାରଦ ତିନି | ବାବାଜି ଦେହୁରୀ, ବିପିନ ଦେହୁରୀ, ପି:ଚିନ୍ତା ଦେହୁରୀ, ବଳରାମ ଦେହୁରୀ, ପି:ସନ୍ୟାସୀ ଦେହୁରୀ, ପୁଣ୍ଡିଆ ଦେହୁରୀ, ପି:ନାଲୁ ଦେହୁରୀ, ଜା:ଭୂମିଜ, ବା:ନିଜଗାଁ |
| 260 | 243 | 0.50 | 0.05 | ଶାରଦ ଦୁଇ | ବିଶ୍ୱନାଥ ମାଝୀ, ପି:ଖେରା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 246 | 0.22 | 0.05 | ଶାରଦ ତିନି | |
| | 453 | 0.10 | 0.07 | ଶାରଦ ଦୁଇ | |
| | 460 | 0.20 | 0.09 | ଶାରଦ ଦୁଇ | |
| 261 | 107 | 0.32 | 0.13 | ଶାରଦ ତିନି | ବିଶ୍ୱନାଥ ମାଝୀ, ପି:ସାନଖେଲା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 167 | 0.26 | 0.03 | ଶାରଦ ତିନି | |
| | 251 | 0.61 | 0.14 | ଶାରଦ ତିନି | |
| | 271 | 0.23 | 0.13 | ପତିତ | |
| | 277 | 0.94 | 0.06 | ଶାରଦ ତିନି | |
| | 450 | 1.10 | 0.45 | ଶାରଦ ଦୁଇ | |
| | 456 | 0.53 | 0.08 | ଶାରଦ ଦୁଇ | |
| | 915 | 0.67 | 0.16 | ଶାରଦ ଏକ | |
| 262 | 375 | 3.96 | 0.29 | ଶାରଦ ଦୁଇ | ବିଶ୍ୱନାଥ ମାଝୀ, ଆନନ୍ଦ ମାଝୀ, ପି:ବାର୍ଷା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 270 | 998 | 0.42 | 0.07 | ଶାରଦ ତିନି | ବୁଧୁ ମାଝୀ, ସ୍ୱା:କନ୍ଦା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 999 | 0.36 | 0.06 | ଶାରଦ ତିନି | |
| | 1006 | 0.15 | 0.01 | ଶାରଦ ତିନି | |
| | 1025 | 1.06 | 0.17 | ଶାରଦ ଦୁଇ | |
| 279 | 1665 | 0.08 | 0.05 | ଶାରଦ ଦୁଇ | ଭରତ ମଳିକ, ଅନନ୍ତ ମଳିକ, ବଉଳ ମଳିକ, ପି:କୃଷ୍ଣ ମଳିକ, ଜା:ସୁଣ୍ଡି, ବା:ନିଜଗାଁ |
| 283 | 1002 | 0.30 | 0.10 | ଶାରଦ ତିନି | ଭାସ୍କର ଚନ୍ଦ୍ର ରାଉତ, ପି:ରାମହରି ରାଉତ, ଜା:ଖଦାଳ, ବା:ନିଜଗାଁ |
| 288 | 88 | 1.18 | 0.43 | ଆଶୁ | ଭିଲୁ ମାଝୀ, ସାମାୟ ମାଝୀ, ଲକ୍ଷଣା ମାଝୀ, ପି:କିସୁନ ମାଝୀ, ପାହ୍ଲ ମାଝୀ, ସ୍ୱା:କିସୁନ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 292 | 268 | 0.62 | 0.09 | ଶାରଦ ତିନି | ଭୁଲୁ ମାଝୀ, ପି:ଜଟା ମାଝୀ, ମନ୍ଦ ମାଝୀ, ସ୍ୱା:ବୁଢଣ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 377 | 2.14 | 0.24 | ଶାରଦ ଦୁଇ | |
| | 378 | 0.27 | 0.10 | ଶାରଦ ଦୁଇ | |
| 306 | 416 | 0.64 | 0.10 | ଶାରଦ ଦୁଇ | ମଙ୍ଗଲ ମାଝୀ, ଗଣେଷ ମାଝୀ, ପି:ବାଙ୍ଗରା ମାଝୀ, ଦୁର୍ଗା ମାଝୀ, ପି:ସାନକାଇଲୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 317 | 868 | 0.96 | 0.07 | ଶାରଦ ତିନି | ମାଧବ ରାଉତ, ଫକିର ରାଉତ, ଜଗବନ୍ଧୁ ରାଉତ, ପି:କୁତୁଲୁ ରାଉତ, ଜା:ବଗାଳ, ବା:ନିଜଗାଁ |
| | 875 | 0.08 | 0.03 | ଶାରଦ ତିନି | |
| | 881 | 0.98 | 0.20 | ଶାରଦ ତିନି | |
| 326 | 168 | 0.14 | 0.08 | ଶାରଦ ତିନି | ମୋହନ ମାଝୀ, ପି:ଶାଗ୍ରାମ ମାଝୀ, ଜା:ସାନ୍ତାଳ, ବା:ବେଗୁନିଆ, ଥାନା:ବସ୍ତା |
| 334 | 1149 | 0.48 | 0.02 | ଶାରଦ ତିନି | ରମାକାନ୍ତ ବେହେରା, ପି:ଗୋପି ବେହେରା, ଜା:ସୁଣ୍ଡି, ବା:ନିଜଗାଁ |
| 336 | 891 | 0.21 | 0.06 | ଶାରଦ ତିନି | ରାଇମାତ ମାଝୀ, ସ୍ୱା:କାଳିଆ ମାଝୀ, କଟି ମାଝୀ, ସୀତା ମାଝୀ, କାପୁ ମାଝୀ, ପାନ ମାଝୀ, ପି:କାଳିଆ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 339 | 169 | 0.10 | 0.05 | ଶାରଦ ତିନି | ରାମଚନ୍ଦ୍ର ମାଝୀ, ପି:ଯାଦୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 341 | 646 | 0.68 | 0.12 | ଶାରଦ ଦୁଇ | ଶ୍ରୀନାଥ ଖିଲାର, ଲାଲ ମୋହନ ଖିଲାର, ଗୋରା ଖିଲାର, ପି:ରୁଷିଆ ଖିଲାର, ଜା:ବଗାଳ, ବା:କୋଚିଲାପଦା, ଥା:ବଡସାହି, ଜି:ମୟୂରଭଞ୍ଜ |
| 364 | 252 | 0.20 | 0.17 | ଶାରଦ ତିନି | ଲଛମନ ମାଝୀ, ପି:କାମ ମାଝୀ, ହିରା ମାଝୀ, ସ୍ୱା:କାମ ମାଝୀ, କରଣ ମାଝୀ, ଅର୍ଜୁନ ମାଝୀ, ପି:ଦାଡକା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 253 | 0.58 | 0.11 | ଜଳାଶୟଦୁଇ | |
| | 266 | 1.98 | 0.70 | ଶାରଦ ତିନି | |
| | 272 | 0.46 | 0.16 | ପତିତ | |
| | 410 | 3.58 | 0.32 | ଶାରଦ ଦୁଇ | |
| 366 | 1550 | 1.06 | 0.20 | ଶାରଦ ଦୁଇ | ଲକ୍ଷ୍ମୀଧର ମାଝୀ, ପି:ଅର୍ଜୁନ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 374 | 883 | 0.11 | 0.04 | ଶାରଦ ତିନି | ଶଙ୍କର ରାଉତ, ମକର ରାଉତ, କାଶିନାଥ ରାଉତ, ପି:ନାମ ରାଉତ, ଜା:ବଗାଳ, ବା:ନିଜଗାଁ |
| | 885 | 0.24 | 0.06 | ଶାରଦ ତିନି | |
| | 884 | 0.25 | 0.06 | ଶାରଦ ତିନି | |
| | 886 | 0.10 | 0.05 | ଶାରଦ ତିନି | |
| 379 | 641 | 0.66 | 0.10 | ଶାରଦ ଏକ | ସଦାଶିବ ମଳିକ, ଅନନ୍ତ ମଳିକ, ପି:ବୃନ୍ଦାବନ ମଳିକ, ଜା:ସୁଣ୍ଡି, ବା:ନିଜଗାଁ, ସୁଭଦ୍ରା ସାହୁ, ପି:ବୃନ୍ଦାବନ ମଳିକ, ଜା:ସୁଣ୍ଡି, ବା:ରଣାମୁଣ୍ଡଳି, ଥାନା:ବସ୍ତା, ଜିଲ୍ଲା: ବାଲେଶ୍ୱର, ରୁକ୍ମଣୀ ମଳିକ, ସ୍ୱା:ବୃନ୍ଦାବନ ମଳିକ, ଜା:ସୁଣ୍ଡି, ବା:ନିଜଗାଁ |
| 380 | 432 | 0.16 | 0.03 | ଶାରଦ ଦୁଇ | ସନ୍ୟାସୀ ଭୂୟାଁ, ପି:ହଗୁରୁ ଭୂୟାଁ, ଜା:କେଶୁରିଆ, ବା:ଟିକାଏତପୁର, ଜି:ବାଲେଶ୍ୱର, ବେଆଇନ ଖରିଦସୂତ୍ରେ ଦଖଲ ବା: ଗଙ୍ଗାଧର ମହାନ୍ତ, ପି:ଗୋବିନ୍ଦ ମହାନ୍ତ, ଜା:କୁଡୁମି, ବା:ସାରଦା, ରେଜେଷ୍ଟ୍ରି ଦଲିଲ ନମ୍ବର ୩୫୮ ତା.୧.୨.୬୯ ଜରସମନ ଟ ୩୦୦୦.୦୦ ବା: |
| 384 | 28 | 0.50 | 0.16 | ଶାରଦ ତିନି | ସମାୟ ମାଝୀ, ପି:ଅନନ୍ତା ମାଝୀ ଜା:ସାନ୍ତାଳ, ବା:ନିଜଗାଁ |
| | 528 | 0.66 | 0.14 | ଶାରଦ ତିନି | |
| 389 | 82 | 0.13 | 0.07 | ଶାରଦ ତିନି | ସାମାୟ ମାଝୀ, ପି:ଅନନ୍ତା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 393 | 1150 | 0.48 | 0.06 | ଶାରଦ ତିନି | ଶିବ ପ୍ରସାଦ ବେହେରା, ଲକ୍ଷ୍ମୀଧର ବେହେରା, ପ୍ରେମଲତା ବେହେରା, ସାବିତ୍ରୀ ବେହେରା, ପୁନି ବେହେରା, ପି:କାର୍ତ୍ତିକେଶ୍ୱର ବେହେରା, ତାରାମଣୀ ବେହେରା, ସ୍ୱା:କାର୍ତ୍ତିକେଶ୍ୱର ବେହେରା, ଜା:ସୁଣ୍ଡି, ବା:ନିଜଗାଁ |
| 396 | 640 | 1.03 | 0.17 | ଶାରଦ ଏକ | ସିଙ୍ଗରାୟ ମାଝୀ, ପି:ନବ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 405 | 1166 | 0.53 | 0.04 | ଆଶୁ | ଶିବ ମଣ୍ଡଳ, ପି:ଜଗବନ୍ଧୁ ମଣ୍ଡଳ, ଜା:ଖଦାଳ, ବା:ନିଜଗାଁ |
| 410 | 545 | 1.00 | 0.01 | ଡାହି ଦୁଇ | ସୁଦର୍ଶନ ବେହେରା, ପି:ପ୍ରସନ୍ନ ବେହେରା, ଜା:କାରୁଆ, ବା:ନିଜଗାଁ |
| 413 | 101 | 0.16 | 0.11 | ଶାରଦ ତିନି | ସୁନ୍ଦର ମୋହନ ମୁର୍ମୁ, ପି:ଦାମୋଦର ମୁର୍ମୁ, ଜା:ସାନ୍ତାଳ, ବା:ନିଜଗାଁ |
| | 461 | 0.22 | 0.12 | ଶାରଦ ତିନି | |
| 415 | 1651 | 0.48 | 0.02 | ଶାରଦ ଦୁଇ | ସୁନା ମାଝୀ, ଭୁତାଡ ମାଝୀ, ରଥ ମାଝୀ, ପି:ରୁପାଇ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 416 | 1544 | 0.61 | 0.15 | ଶାରଦ ତିନି | ସୁଫଲ ଚନ୍ଦ୍ର ମହାନ୍ତ, ଉମେଶ ଚନ୍ଦ୍ର ମହାନ୍ତ, ପି:ହରି ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | 1539 | 0.40 | 0.04 | ଶାରଦ ତିନି | |
| | 1540 | 0.14 | 0.02 | ଶାରଦ ଦୁଇ | |
| 434 | 1029 | 0.60 | 0.06 | ଶାରଦ ତିନି | ହରେକୃଷ୍ଣ ପାଣି, ପି:ରାଧା କୃଷ୍ଣ ପାଣି, ଜା:ବ୍ରାହ୍ମଣ, ବା:ନିଜଗାଁ |
| 443 | 267 | 0.50 | 0.09 | ଶାରଦ ତିନି | ହିନ୍ଦୁ ମାଝୀ, ପି:କାମ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 447/55 | 543/2630 | 0.40 | 0.08 | ଡାହି ଦୁଇ | ଢେଣି ବେବା, ସ୍ୱା:କାଶିଆ ମାଝୀ, ବା:ନିଜଗାଁ |
| 447/56 | 543/2631 | 0.54 | 0.09 | ଡାହି ଦୁଇ | କଟି ବେବା, ସ୍ୱା:ଦନା ବେହେରା, ବା:ବଡାମପୁର |
| 447/57 | 543/2632 | 0.59 | 0.12 | ଡାହି ଦୁଇ | ବାବାଜି ଦେହୁରୀ, ପି:ଚିନ୍ତା ଦେହୁରୀ, ବା:ନିଜଗାଁ |
| 447/58 | 543/2633 | 0.40 | 0.02 | ଡାହି ଦୁଇ | ଡୁବୁଲ ହାଁସଦା, ପି:ଚୈତନ ହାଁସଦା, ବା:ନିଜଗାଁ |
| 447/59 | 543/2634 | 0.40 | 0.30 | ଡାହି ଦୁଇ | ମଙ୍ଗଲ ମାରାଣ୍ଡି, ପି:ମୁସୁ ମାରାଣ୍ଡି, ବା:ନିଜଗାଁ |
| 447/60 | 543/2635 | 0.55 | 0.13 | ଡାହି ଦୁଇ | ମୋଚିଆ ବାସ୍କେ, ପି:ଚାନ୍ଦୁ ବାସ୍କେ, ବା:ନିଜଗାଁ |
| 447/61 | 543/2636 | 0.55 | 0.01 | ଡାହି ଦୁଇ | ଚନ୍ଦ୍ରା କିସ୍କୁ, ପି: ଜଟା କିସ୍କୁ, ବା:ନିଜଗାଁ |
| 447/64 | 542 | 0.32 | 0.12 | ଶାରଦ ତିନି | ରାଧାନାଥ ମହାନ୍ତି, ପି:ହରି ମହାନ୍ତି, ବା:ନିଜଗାଁ |
| 447/81 | 630/2656 | 0.08 | 0.03 | ଶାରଦ ଦୁଇ | ଫୁଲମଣୀ ମାଝୀ, ସୀତା ମାଝୀ, ପି:ଆତମାଲ ମାଝୀ, ଜା:ସାନ୍ତାଳ,ବା:ବଡାମପୁର |
| 447/84 | 1005 | 0.61 | 0.15 | ଶାରଦ ତିନି | ସୁରାଇ ମାର୍ଣ୍ଡି, ଖୁସାଲ ମାର୍ଣ୍ଡି, ଦାସ ମାର୍ଣ୍ଡି, ପି:ଲକ୍ଷ୍ମଣ ମାର୍ଣ୍ଡି, ଜା:ସାନ୍ତାଳ, ବା:ନିଜଗାଁ |
| 447/93 | 96/2672 | 0.40 | 0.09 | ଶାରଦ ତିନି | ଦାମୋଦର ମୁର୍ମୁ, ଜଗୁ ମୁର୍ମୁ, ପି:ସୁନ୍ଦର ମୋହନ ମୁର୍ମୁ,ଜା:ସାନ୍ତାଳ, ବା:ନିଜଗାଁ |
| 447/108 | 288/2678 | 0.30 | 0.13 | ଶାରଦ ତିନି | ମୋଚିଆ ବାସ୍କେ, ପି:ଚାନ୍ଦୁ ବାସ୍କେ, ଜା:ସାନ୍ତାଳ, ବା:ନିଜଗାଁ |
| 447/122 | 1034/ 2689 | 0.27 | 0.13 | ଶାରଦ ତିନି | ରମାକାନ୍ତ ବେହେରା, ପି:ଗୋପୀ ବେହେରା, ଜା:ବଗାଳ,ବା:ନିଜଗାଁ |
| | 1153/ 2537 | 0.35 | 0.14 | ଶାରଦ ତିନି | |
| 447/130 | 905 | 0.66 | 0.12 | ଶାରଦ ତିନି | ଫାଗୁ ହାଁସଦା, ପି:ରାମଚନ୍ଦ୍ର ହାଁସଦା, ଜା:ସାନ୍ତାଳ, ବା:କରତପଟା |
| 447/171 | 949 | 0.87 | 0.09 | ଶାରଦ ଏକ | ଗିରିଶ ଚନ୍ଦ୍ର ମହାନ୍ତ, ସୀତାନାଥ ମହାନ୍ତ, ଆନନ୍ଦ ମହାନ୍ତ, ପି:କାନ୍ତିରାମ ମହାନ୍ତ, ଜା:କୁଡୁମି, ବା:ସାରଦା, ଥାନା:ବଇଶିଙ୍ଗା |
| 447/184 | 431 | 1.32 | 0.28 | ଶାରଦଦୁଇ | ମାଧବ ଚନ୍ଦ୍ର ରାଉତ, ପି:କୁତୁଲ ରାଉତ, ଜା:ବଗାଳ, ବା:ନିଜଗାଁ |
| 447/191 | 627/2667 | 0.44 | 0.10 | ଶାରଦ ଦୁଇ | ଶ୍ରୀକାନ୍ତ ରାଉତ, ପି:ଦୁର୍ଯ୍ୟୋଧନ ରାଉତ, ଜା:ବଗାଳ, ବା:ନିଜଗାଁ |
| 447/198 | 946 | 0.67 | 0.11 | ଶାରଦ ଏକ | ସୁଶୀଳା ମହାନ୍ତ, ସ୍ୱା:ନରେନ୍ଦ୍ର ମହାନ୍ତ, ଜା:କୁଡୁମି, ବା:ତୋଟାପଡା |
| 447/153 | 534/2709 | 0.27 | 0.18 | ଶାରଦ ଏକ | ଫାଗୁ ହାଁସଦା, ସାଗ୍ରାମ ହାଁସଦା, ପି:ରାମଚନ୍ଦ୍ର ହାଁସଦା, ଜା:ସାନ୍ତାଳ, ବା:କରତପଟା |
| 447/233 | 2409/ 2828 | 0.07 | 0.05 | ଶାରଦ ଦୁଇ | ସୁରେନ୍ଦ୍ର ବାରିକ, ପି:ପଞ୍ଚାନନ ବାରିକ, ଜା:ନାପିତ, ବା:ନିଜଗାଁ |
| 447/238 | 1561/ 2774 | 0.56 | 0.11 | ଶାରଦ ଦୁଇ | କନ୍ଦା ମାଝୀ, ପି:ବାଣ୍ଟୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 1572 | 0.13 | 0.03 | ଆଶୁ | |
| 447/243 | 1150/ 2408/ 2778 | 0.19 | 0.09 | ଶାରଦ ଦୁଇ | ଜହରଲାଲ ମହାନ୍ତ, ଗୌର ମହାନ୍ତ, ନେହୁରୁ ମହାନ୍ତ, ମେଘୁ ମହାନ୍ତ, ପି:ପ୍ରେମଚାନ୍ଦ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| 447/256 | 415 | 0.66 | 0.10 | ଶାରଦ ଦୁଇ | ସୁର୍ଦ୍ଧାର ମହାନ୍ତ, ପି:ଛୁଟୁଆ ମହାନ୍ତ, ଜା:କୁଡୁମି, ବା:ଶାରଦା, ଥାନା:ବଇଶିଙ୍ଗା, ଜି:ମୟୂରଭଞ୍ଜ |
| 447/259 | 644 | 0.63 | 0.10 | ଶାରଦ ଏକ | ନବ କୁମାର ରାଉତ, କୁଶ କୁମାର ରାଉତ, ପି:ମକୁ ରାଉତ, ଜା:ବଗାଳ, ବା:ନିଜଗାଁ |
| 447/277 | 638/2805 | 0.75 | 0.13 | ଶାରଦ ଏକ | ପିତାମ୍ବର ବେହେରା, ପି:ରମାକାନ୍ତ ବେହେରା, ଜା:ସୁଣ୍ଡି, ବା:ନିଜଗାଁ |
| 447/286 | 32/2814 | 0.60 | 0.23 | ଆଶୁ | ନରସିଂହ ମାଝୀ, ପି:ବାର୍ଷା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 447/288 | 631 | 0.15 | 0.01 | ଶାରଦ ଦୁଇ | କର୍ମୁ ମାଝୀ, ପାଲଟନ ମାଝୀ, ପି:ଝଙ୍ଗଲ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 447/307 | 1167 | 0.12 | 0.09 | ଆଶୁ | ନିମାଇଁ ମହାନ୍ତ, ପି:ବରଜୁ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | 1168 | 0.61 | 0.15 | ଆଶୁ | |
| 447/323 | 1142 | 0.37 | 0.08 | ଶାରଦ ଦୁଇ | କସ୍ତୁରୀ ଦେହୁରୀ, ଅନାଦୀ ଦେହୁରୀ, ପି:ରାମ ଦେହୁରୀ, ଜା:ଭୂମିଜ, ବା:ନିଜଗାଁ |
| | 1142/ 2542 | 0.27 | 0.11 | ଶାରଦ ଦୁଇ | |
| 447/334 | 74/2858 | 0.08 | 0.05 | ଆଶୁ | ଖେଲା ମାଝୀ, ପି:ଛାନୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 447/346 | 903 | 0.38 | 0.15 | ଶାରଦ ତିନି | ବିଦ୍ୟାଧର ରାଉତ, ଗଦାଧର ରାଉତ, ପି:ଲାଲମୋହନ ରାଉତ, ଜା:ବଗାଳ, ବା:ନିଜଗାଁ |
| 447/352 | 2003/ 2410 | 0.31 | 0.08 | ଶାରଦ ଏକ | ଅଶୋକ ବେହେରା, ପି:ଅକ୍ଷୟ ବେହେରା, ଜା:ସୁଣ୍ଡି, ବା:ନିଜଗାଁ |
| | 2004 | 0.63 | 0.22 | ଶାରଦ ଏକ | |
| | 2005/ 2411 | 0.32 | 0.10 | ଶାରଦ ଏକ | |
| 447/367 | 1004 | 0.34 | 0.05 | ଶାରଦ ତିନି | ରାଜେନ୍ଦ୍ର ବେହେରା, ପି:କୃଷ୍ଣ ଚନ୍ଦ୍ର ବେହେରା, ଜା:ସୁଣ୍ଡି, ବା:ନିଜଗାଁ |
| 447/376 | 437/2886 | 0.23 | 0.12 | ଶାରଦ ଦୁଇ | ଅକ୍ଷୟ ମହାନ୍ତ, ପି:ପିତାମ୍ବର ମହାନ୍ତ, ଜା:କୁଡୁମି, ବା:ଶାରଦା, ଥାନା:ବଇଶିଙ୍ଗା |

